



# ସିଟି କଟକ

## ଉଚ୍ଚଶିକ୍ଷା କ୍ଷେତ୍ରରେ ସଙ୍କଟ
# ବିଶ୍ୱବିଦ୍ୟାଳୟରେ ୧୪୩୪ ଅଧ୍ୟାପକ ପଦ ଖାଲି



କଟକ, ୮।୫(ସମିସ)

ରାଜ୍ୟର ଉଚ୍ଚ ଶିକ୍ଷା ବ୍ୟବସ୍ଥା ଏବେ ଏକ ବଡ଼ ପ୍ରଶ୍ନବାଚୀ ମଧ୍ୟକୁ ଠେଲି ହୋଇଯାଇଛି। ରାଜ୍ୟରେ ଥିବା ୧୭ଟି ବିଶ୍ୱବିଦ୍ୟାଳୟ ସମେତ ସରକାରୀ ଓ ବେସରକାରୀ କଲେଜଗୁଡ଼ିକରେ ପ୍ରାୟ ୬୦ ପ୍ରତିଶତରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ପଦବୀ ଦୀର୍ଘ ଦିନ ଧରି ଖାଲି ପଡ଼ିଛି। ଏହାକୁ ନେଇ ଗଭୀର ଚିନ୍ତା ପ୍ରକଟ କରିବା ସହ ତୁରନ୍ତ ନିଯୁକ୍ତି ଦାବିରେ ଶୁକ୍ରବାର କଟକ ଗାନ୍ଧି ଭବନଠାରେ 'ଅଲଇଣ୍ଡିଆ ସେଭ ଏଜୁକେସନ କମିଟି' (ଏଆଇଏସଇସି) ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି।

ସୂଚନା ଅନୁଯାୟୀ, କେବଳ ବିଶ୍ୱବିଦ୍ୟାଳୟସ୍ତରରେ ୧୪୩୪ଟି ଅଧ୍ୟାପକ ପଦବୀ ଖାଲି ପଡ଼ିଥିବା ବେଳେ କର୍ମଚାରୀ ଅଭାବ ୭୦ ପ୍ରତିଶତ ଛୁଇଁଛି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଥିବାରୁ ଏହାକୁ ଯୁଦ୍ଧକାଳୀନ ଭିତ୍ତିରେ ପୂରଣ କରିବାକୁ କମିଟିର ରାଜ୍ୟ ସଭାପତି ପ୍ରଫେସର ବୀରେନ୍ଦ୍ର ନାୟକ ଦାବି କରିଛନ୍ତି। ଯଦିଓ ବ୍ରହ୍ମପୁର, ଉତ୍କଳ, ରମାଦେବୀ ଓ ଫକିର ମୋହନ ଭଳି କିଛି ବିଶ୍ୱବିଦ୍ୟାଳୟ ନିଯୁକ୍ତି ପାଇଁ ବିଜ୍ଞାପନ ବାହାର କରିଛନ୍ତି, ମାତ୍ର ଅନ୍ୟାନ୍ୟ ଅନୁଷ୍ଠାନ ଏବଂ ଡିଗ୍ରୀ କଲେଜଗୁଡ଼ିକର ଅବସ୍ଥା ଏବେ ମଧ୍ୟ ଶୋଚନୀୟ ହୋଇ ରହିଛି। ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ 'ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ' ବିଲ୍‌କୁ କମିଟି ପକ୍ଷରୁ ଦୃଢ଼ ବିରୋଧ କରାଯାଇଛି। ଏହାକୁ ଏକ 'ଅଗଣତାନ୍ତ୍ରିକ' ବିଲ୍ ଦର୍ଶାଇବା ସହ ଏହା ଉଚ୍ଚଶିକ୍ଷାକୁ ସମ୍ପୂର୍ଣ୍ଣ ନିୟନ୍ତ୍ରଣ କରିବାକୁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ହୋଇଛି। ଏହି ବିଲ୍ ବିରୋଧରେ ସମସ୍ତ ଶିକ୍ଷାବିତ୍, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଏକଜୁଟ୍ ହେବାକୁ କମିଟିର ସମ୍ପାଦକ ସୁବାସ ନାୟକ ଅନୁରୋଧ କରିଛନ୍ତି। ରାଜ୍ୟ ସରକାର

▶ ୬୦ ପ୍ରତିଶତ ପଦ ଖାଲି

▶ ଯୁଦ୍ଧକାଳୀନ ଭିତ୍ତିରେ ନିଯୁକ୍ତି ପାଇଁ ଏଆଇଏସ୍ଇସି ଦାବି

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟପୁସ୍ତକ ପରିବର୍ତ୍ତନ କରିଥିଲେ ହେଁ, ଏହି ବହିଗୁଡ଼ିକର ଲେଖକ କିମ୍ବା ଉପଦେଷ୍ଟା ମଣ୍ଡଳୀରେ କିଏ ଅଛନ୍ତି ତାହା ସାର୍ବଜନୀନ କରାଯାଇ ନ ଥିବା ଏଠାରେ ଅଭିଯୋଗ ହୋଇଛି। ଏହି ସମ୍ମିଳନୀରେ ଉପସଭାପତି ବିଶ୍ୱାବସୁ ଦାସ, ରାଜେନ୍ଦ୍ର ବର୍ମା, ବବି ବଳବନ୍ତରାୟଙ୍କ ସମେତ ବହୁ ବୁଦ୍ଧିଜୀବୀ ଯୋଗଦେଇ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ସରକାରଙ୍କ ନିକଟରେ ଦାବି ରଖିଛନ୍ତି।

# ବିଜେଡି ପକ୍ଷରୁ ନବନିଯୁକ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



**କଟକ, ୮।୫(ସମିସ):** କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟଠାରେ ଆଜି ନବନିଯୁକ୍ତ ରାଜ୍ୟ କର୍ମକର୍ତ୍ତା, ଜିଲ୍ଲା ମହିଳା ସଭାନେତ୍ରୀ, ଯୁବ ଓ ଛାତ୍ର ବିଜେଡି ସଭାପତି ଏବଂ ସମସ୍ତ ବ୍ଲକ ସଭାପତିମାନଙ୍କ ପାଇଁ ଏକ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ବିଜୁ ଜନତା ଦଳର ବରିଷ୍ଠ ସାଧାରଣ ସମ୍ପାଦକ ତଥା ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ବର୍ତ୍ତମାନର ସରକାରଙ୍କ ଉପରେ ବର୍ଷିବା ସହ କହିଥିଲେ ଯେ ଏହି ଲଢ଼େଇ କ୍ଷମତା ପାଇଁ ନୁହେଁ, ବରଂ ଓଡ଼ିଆ ଜାତିର ଅସ୍ମିତା ଓ ହକ ପାଇଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶା ଯେଉଁ ପ୍ରଗତିର ପଥରେ ଆଗେଇଥିଲା, ବର୍ତ୍ତମାନର ସରକାର କେବଳ ଯୋଜନାର ରଙ୍ଗ ବଦଳାଇ ସେଥିରେ ଅନିୟମିତତା କରୁଥିବା ସେ ଅଭିଯୋଗ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ ସକିଲ, ଶିଶିର ପରିଜା, ସମ୍ପାଦକ ପ୍ରଦୀପ୍ତ କିଶୋର ଖୁଣ୍ଟିଆ, ଚିରଞ୍ଜୀୟ ସାହୁ, ସୌମିତ ମିତ୍ରଙ୍କ ସମେତ ଜିଲ୍ଲା ମହିଳା ସଭାନେତ୍ରୀ ଅନିତା ବେହେରା, ଯୁବ ସଭାପତି ସ୍ମୃତି ରଞ୍ଜନ ନାୟକ ଓ ଛାତ୍ର ସଭାପତି ସୁମନ ବେହେରା ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବହୁ ସଂଖ୍ୟାରେ ଦଳୀୟ କର୍ମକର୍ତ୍ତା ଓ ବ୍ଲକ ସଭାପତିମାନେ ଉପସ୍ଥିତ ରହି ଦଳକୁ ସୁଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ।

**ଓଡ଼ିଆ ଜାତିର ଅସ୍ମିତା ଓ ହକ୍ ପାଇଁ ଲଢ଼େଇ ହେବ: ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ**

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା
# ୧୨ ଜଣଙ୍କ ନାମରେ ମାମଲା

**କଟକ, ୮।୫(ସମିସ):** ହାଇକୋର୍ଟ କଲୋନୀ ଛକ ନିକଟରେ ଗୁରୁବାର ରାତିରେ ଆଦିତ୍ୟ ଦାସ(୨୪)ଙ୍କୁ ସଂଘବଦ୍ଧ ଆକ୍ରମଣ ଘଟଣାକୁ ନେଇ ଶୁକ୍ରବାର ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି ବାଦାମବାଡ଼ି ଥାନା ପୁଲିସ। ଆଜି ପୁଲିସ ଆହତ ଆଦିତ୍ୟଙ୍କୁ ଭେଟି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲା। ଆଦିତ୍ୟଙ୍କ ଅଭିଯୋଗ ଅନୁଯାୟୀ ୧୨ରୁ ଅଧିକଙ୍କ ନାମରେ ପୁଲିସ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଛି।

ଗୁରୁବାର ରାତିପ୍ରାୟ ୧୦ଟା ସମୟରେ ଆଦିତ୍ୟ ହାଇକୋର୍ଟ କଲୋନୀ ଛକରେ ଛିଡା ହୋଇଥିବାବେଳେ ହଠାତ୍ ୧୨ରୁ ଅଧିକ ଯୁବକ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ପ୍ରାଣ ବଞ୍ଚାଇବା ଲାଗି ଆଦିତ୍ୟ ପାଖରେ ଥିବା ଏକ ଗଣମାଧ୍ୟମ କାର୍ଯ୍ୟାଳୟ ଭିତରକୁ ପଶିଯାଇଥିଲା, ହେଲେ ଆକ୍ରମଣକାରୀ ସେଠାରେ ବି ତାଙ୍କୁ ଛାଡି ନଥିଲେ। ତାଙ୍କୁ ସେଠାରେ ତଳେ ପକାଇ ନିର୍ଘାତ ବିଧାଗୋଇଠା ମାରିଥିଲେ। ପାଟିଶୁଣି ସ୍ଥାନୀୟ କିଛିଲୋକ ସହିତ ଦୋକାନୀ ସେଠାକୁ ଧାଇଁ ଆସିବାରୁ ଆକ୍ରମଣକାରୀମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଆଦିତ୍ୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ଏସସିବି ପଠାଯାଇଥିଲା। ଏପଟେ ପ୍ରାଥମିକ ତଦନ୍ତରେ କମେଣ୍ଟ ମରାକୁ ନେଇ ଏଭଳି କାଣ୍ଡ ଘଟିଥିବା ପୁଲିସ ସୂଚନା ଦେଇଛି।

# ବିଶ୍ୱ ରେଡ୍‌କ୍ରସ୍ ଦିବସ




**କଟକ, ୮।୫(ସମିସ):** ଭାରତୀୟ ରେଡକ୍ରସ ସୋସାଇଟି କଟକ ଶାଖା ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ ଓ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ରେଡକ୍ରସର ପ୍ରତିଷ୍ଠାତା ସାର୍ ହେନେରୀ ଡୁନାଣ୍ଟଙ୍କ ଜନ୍ମଦିବସ ଅବସରରେ ଆୟୋଜିତ ଏହି ସଭାରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଗରିବ ଓ ଅଭାବୀ ଲୋକଙ୍କ ଜୀବନ ରକ୍ଷା କ୍ଷେତ୍ରରେ ରେଡକ୍ରସର ଭୂମିକାକୁ ସେ ପ୍ରଶଂସା କରିବା ସହ ପାଣି ବୃଦ୍ଧି ଓ ରକ୍ତ ସଂଗ୍ରହ ଶିବିର ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଦିବ୍ୟଲୋଚନ ମହାନ୍ତ ପାଣି ସଂଗ୍ରହ ପାଇଁ ନୂତନ ରସିଦ ବହି ଓ କ୍ୟୁଆର୍ କୋଡ୍ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦେଇଥିଲେ। ଜିଲ୍ଲା ଜରୁରିକାଳୀନ ଅଧିକାରୀ ପୁଷ୍ପଶ୍ରୀ ସାଣ୍ଡିଲ ଆଗାମୀ କାର୍ଯ୍ୟଖସଡ଼ା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଉଲ୍ଲେଖନୀୟ ସେବା ପାଇଁ ଅବକାରୀ ଅଧୀକ୍ଷକ କରୁଣାକର ତିୱାରୀ, ଆଞ୍ଚଳିକ ପରିବହନ ଅଧିକାରୀ ବିଶ୍ୱଜିତ ଦାସ ଏବଂ ସହକାରୀ ଜିଲ୍ଲାପାଳ ଶ୍ରୀକାନ୍ତ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଆଠଗଡ଼ ଓ ବାଙ୍କୀ ଉପଜିଲ୍ଲାପାଳଙ୍କ ସମେତ ବହୁ ଅଧିକାରୀ ଓ ରେଡକ୍ରସ ସଦସ୍ୟ ଉପସ୍ଥିତ ଥିଲେ।

**ପାଣି ସଂଗ୍ରହ ଓ ସଦୁପଯୋଗ ଉପରେ ଗୁରୁତ୍ୱ**

# କଟକ କଂଗ୍ରେସ ପକ୍ଷରୁ ନାରୀ ନ୍ୟାୟ ମଶାଲ ଶୋଭାଯାତ୍ରା



**କଟକ, ୮।୫(ସମିସ):** ମହିଳା ସଂରକ୍ଷଣ ବିଲ୍‌କୁ ଆଳ କରି ଯେଉଁଭଳି ଭାବରେ ବିଜେପି ସରକାର ସାରା ଭାରତ ବର୍ଷରେ କଂଗ୍ରେସକୁ ମହିଳା ବିରୋଧୀ ଭାବରେ ଚିତ୍ରଣ କରିବାକୁ ଅପପ୍ରଚାର କରୁଛି ସେହି ପ୍ରସଙ୍ଗରେ ସାଧାରଣ ଲୋକଙ୍କୁ ସଚେତନତା କରିବା ପାଇଁ କଂଗ୍ରେସ ପକ୍ଷରୁ ଜିଲ୍ଲାୱାରୀ ନାରୀ ନ୍ୟାୟ ମଶାଲ ଯାତ୍ରା କରାଯାଉଛି। କଟକ ନଗର (ଜିଲ୍ଲା) କଂଗ୍ରେସ ତତ୍ତ୍ୱାବଧାନରେ କଟକ ବାରବାଟୀ ନିର୍ବାଚନ ମଣ୍ଡଳୀର ସ୍ୱରାଜ ଆଶ୍ରମଠାରୁ ମଶାଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି କଟକ ନୟାସଡ଼କ ଛକରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା କଟକ ନଗର କଂଗ୍ରେସ ସଭାପତି ସାନ୍ତାୟନ୍ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତଚରଣ ଦାସ, ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି, ପିସିସି କୋଷାଧ୍ୟକ୍ଷ ସିଦ୍ଧାର୍ଥ ଦାସ, ପିସିସି ସାମାଜିକ ଗଣମାଧ୍ୟମ ଅଧ୍ୟକ୍ଷ ବିଶ୍ୱଜିତ୍ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସର ବରିଷ୍ଠ ନେତ୍ରୀ ସୋନାଲି ସାହୁ, ପ୍ରାକ୍ତନ ବିଧାୟକ ରବି ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର ସଭାକୁ ସମ୍ବୋଧିତ କରିଥିଲେ। ଏହି ଅବସରରେ କଟକ ବାରବାଟୀରେ ନୂତନ କଂଗ୍ରେସ କାର୍ଯ୍ୟାଳୟକୁ ପିସିସି ସଭାପତି ଉଦ୍‌ଘାଟନ କରିଥିଲେ। କଟକ ନଗର ଯୁବ କଂଗ୍ରେସ ସଭାପତି ବିପ୍ଳବ ଶିଳାଦିତ୍ୟ, କର୍ପୋରେଟର ସନ୍ତୋଷ ଭୋଳ, ଜେ.କାମେଶ୍ୱର ରାଓ, ଶୁଭାଶିଷ ପଟ୍ଟନାୟକ, ଜନାର୍ଦ୍ଦନ ପରିଡ଼ା, ବଟକୃଷ୍ଣ ସାହୁ, ବରିଷ୍ଠ କଂଗ୍ରେସ ନେତା ବିଶ୍ୱଜିତ୍ ଦାସ, ପିସିସି ମୁଖପାତ୍ର ଅଶୋକ ସ୍ୱାଇଁ ଓ ଅମ୍ରିତା ଦାସ, ଆଇନଜୀବୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ନେତ୍ରୀ ତୃପ୍ତି ଦାସ ଯୋଗଦେଇଥିଲେ। ସଭା କାର୍ଯ୍ୟକୁ ପିସିସି ଓବିସି ସେଲର ପ୍ରାକ୍ତନ ଉପାଧ୍ୟକ୍ଷ ଜଗନ୍ନାଥ ସାହୁ ଓ କଟକ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା ପରିଚାଳନା କରିଥିଲେ।

# ସୁବାସ ସଙ୍ଗଠନ ପକ୍ଷରୁ ଅଭିନବ ପ୍ରତିବାଦ

**କଟକ, ୮।୫(ସମିସ):** ବାଦାମବାଡି ମୁଖ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି। ଗତ ୧ ତାରିଖରେ ଏହି ରାସ୍ତାରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲ ଯୋଗୁଁ ଜଣଙ୍କ ଜୀବନ ଯାଇଛି। ଅନେକ ଏଠାରେ ଗୁରୁତର ଆହତ ହୋଇଛନ୍ତି। ଅଘଟଣ ପରେ ରାତାରାତି ଖାଲକୁ ପୋତି ଦିଆଯାଇଥିଲା; କିନ୍ତୁ ମୃତକଙ୍କୁ କେହି ସମବେଦନା ଜଣାଇ ନଥିଲେ। ସିଏମ୍‌ସିର ୨୦୨୫-୨୬ ବଜେଟ୍‌ରେ ରାସ୍ତା ମରାମତି ପାଇଁ କୋଟି କୋଟି ଟଙ୍କା ଧାର୍ଯ୍ୟ ହୋଇଥିଲେ ମଧ୍ୟ ବାଦାମବାଡି ଭଳି ପ୍ରମୁଖ ରାସ୍ତାରେ ଗୋଟେ ସୁରକ୍ଷିତ ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ତେଣୁ ସୁଭାଷ ସଂଗଠନ ତରଫରୁ 'ଭିକ୍ଷା ସତ୍ୟାଗ୍ରହ' କରାଯାଇଥିଲା। ସଂଗଠନର କର୍ମୀମାନେ ହାତରେ ଭିକ୍ଷା ଥାଳି ଧରି ଅର୍ଥ ସଂଗ୍ରହ କରୁଛନ୍ତି। କଟକ ମୁଖ୍ୟ ରାସ୍ତାର ସମସ୍ତ ଖାଲକୁ ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ମରାମତି କରିବା, ଗତ ୫ ବର୍ଷରେ ଏହି ରାସ୍ତାରେ ହୋଇଥିବା ଖର୍ଚ୍ଚ ଓ କାର୍ଯ୍ୟର ଶ୍ୱେତପତ୍ର ଜାରି କରିବା, ଖାଲ ଯୋଗୁଁ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିବାରବର୍ଗଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦାବି ନେଇ ଏହି ଭିକ୍ଷା ସତ୍ୟାଗ୍ରହ କାର୍ଯ୍ୟକ୍ରମ କରାଯାଉଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ପ୍ରତିଷ୍ଠାତା ତଥା ସଭାପତି

**ରାସ୍ତା କାମ କରୁ ନ ଥିବାରୁ ଭିକ୍ଷା ମାଗିଲେ**



ସୁରେଶ ମହାନ୍ତି, ସନ୍ତୋଷ ମହାନ୍ତି, ସୁରେଶ ଭୂଆଁ, ସଂଗ୍ରାମ ଗ୍ରହଚର୍ଯ୍ୟ, ଭବାନୀ ମହାପାତ୍ର, ରାକେଶ ରାୟ, ହରେକୃଷ୍ଣ ନାୟକ, ପ୍ରହଲ୍ଲାଦ ମହାରଣା, ବିବେକ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

## ବୋର୍ଡ ଅଫ୍ ରେଭନ୍ୟୁର ନୂତନ ନିର୍ମାଣାଧୀନ ବିଲ୍ଡିଂରେ ଅଘଟଣ
# ଛାତରୁ ପଡ଼ି ଶ୍ରମିକଙ୍କ ମୃତ୍ୟୁ

**କଟକ, ୮।୫(ସମିସ):** ଲାଲବାଗ ଥାନା ଅନ୍ତର୍ଗତ ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ନିର୍ମାଣାଧିନ ବିଲ୍ଡିଂ ଛାତରୁ ଖସିପଡ଼ି ଆଜି ଜଣେ କାର୍ଯ୍ୟରତ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପଶ୍ଚିମବଙ୍ଗର ଆମିନୁଲ୍ ଇସଲାମ୍(୨୦)। ଘଟଣାସ୍ଥଳରେ ପୁଲିସ ପହଞ୍ଚିବା ପରେ ଅନ୍ୟ ଶ୍ରମିକଙ୍କ ସହଯୋଗରେ ଆମ୍ବୁଲାନ୍ସ ଯୋଗେ ଗୁରୁତର ଆମିନୁଲ୍‌ଙ୍କୁ ଏସ୍‌ସିବି ମେଡିକାଲ ପଠାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବବ୍ୟବଚ୍ଛେଦ ଗୃହରେ ଆମିନୁଲ୍‌ଙ୍କ ଶବ ରଖାଯାଇଥିବା ବେଳେ ଆସନ୍ତାକାଲି ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି।



ପୁଲିସ ସୂଚନା ଅନୁସାରେ, ବୋର୍ଡ ଅଫ୍ ରେଭିନ୍ୟୁର ନୂତନ ବିଲ୍ଡିଂ ନିର୍ମାଣ କାର୍ଯ୍ୟ ଏକ ଠିକା ସଂସ୍ଥା ଦ୍ୱାରା କରାଯାଉଛି। ଏହି ସଂସ୍ଥା ପକ୍ଷରୁ ପଶ୍ଚିମବଙ୍ଗର ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି। ଆଜି ମଧ୍ୟାହ୍ନରେ କାର୍ଯ୍ୟରତ ଶ୍ରମିକମାନେ ବିଲ୍ଡିଂ କାର୍ଯ୍ୟରୁ ବିରତି ନେଇ ତଳେ ଗୋଟିଏ ସ୍ଥାନରେ ବସି ଖାଉଥିଲେ। ଆମିନୁଲ୍ ତାଙ୍କ ଖାଇବା ଟିଫିନ୍ ତୃତୀୟ ମହଲାରେ ଛାଡ଼ି ଦେଇ ଆସିଥିବାରୁ ନିଜ ଟିଫିନ୍ ବାକ୍ସ ଆଣିବାକୁ ଯାଇଥିଲେ। ଟିଫିନ୍ ବକ୍ସ ଆଣି ତଳକୁ ଆସୁଥିବା ବେଳେ ଲିଫ୍ଟ ଲଗାଯିବା ପାଇଁ ଫାଙ୍କା ଥିବା ସ୍ଥାନରେ ତାଙ୍କ ପାଦ ପଡ଼ିଯାଇଥିଲା। ଯାହାଫଳରେ ସେ ତୃତୀୟ ମହାଲାରୁ ସିଧା ତଳେ ସିମେଣ୍ଟ ଚଟାଣରେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ତାଙ୍କ ମୁଣ୍ଡ ଓ ଦେହରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଆମ୍ବୁଲାନ୍ସ ଯୋଗେ ତୁରନ୍ତ ଏସ୍‌ସିବି ମେଡିକାଲ ନିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଅନ୍ୟପଟେ ଏବେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ନିର୍ମାଣ ଶ୍ରମିକଙ୍କ କାର୍ଯ୍ୟ ସମୟରେ ପ୍ରଶାସନ ପକ୍ଷରୁ ପରିବର୍ତ୍ତନ କରାଯାଇଛି। ତେବେ ପ୍ରବଳ ଖରାରେ କେମିତି କାର୍ଯ୍ୟ ହେଉଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବିନା ସୁରକ୍ଷାରେ ଠିକା ସଂସ୍ଥା ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରିଥିଲା। ପୁଲିସ ଏହାର ତଦନ୍ତ କରୁଛି।

## ଗ୍ରାମ ଦେଇ ଉଚ୍ଚଶକ୍ତି ସମ୍ପନ୍ନ ବିଦ୍ୟୁତ୍ ଲାଇନ୍ ଯିବା ପ୍ରସଂଗ
# ହସ୍ତକ୍ଷେପ ପାଇଁ ମନା କଲେ ହାଇକୋର୍ଟ

**କଟକ, ୮।୫(ସମିସ):** ଏକ ଗ୍ରାମ ଦେଇ ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସମିସନ ଲାଇନ ସଂଯୋଗକୁ ବିରୋଧ କରି ଦାୟର ଜନସ୍ୱାର୍ଥ ମାମଲାକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ କଟକ ଜିଲ୍ଲାର ବାଇଝୁଆ-ଟାଙ୍ଗୀ ଅଞ୍ଚଳର ଗ୍ରାମବାସୀମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବିଦ୍ୟୁତ୍ ଲାଇନର ମାର୍ଗ କେଉଁଠି ହେବ, ସେ ବିଷୟରେ କୋର୍ଟଙ୍କର କୌଣସି ବୈଷୟିକ ଦକ୍ଷତା ନାହିଁ। ଏହି ଦାୟିତ୍ୱ ବିଶେଷଜ୍ଞ ସଂସ୍ଥାଗୁଡ଼ିକର ବୋଲି ଅଦାଲତ କହିଛନ୍ତି। ଗ୍ରାମବାସୀ ଅଭିଯୋଗ କରିଥିଲେ ଯେ ଗାଁ ପୋଖରୀ ଓ ଚାଷଜମି ଦେଇ ଯାଉଥିବା ଏହି ୭୬୫ କେଭି ଲାଇନ ଦ୍ୱାରା ଜନସାଧାରଣଙ୍କ ସୁରକ୍ଷା ପ୍ରତି ବିପଦ ରହିଛି। କିଛି ଗ୍ରାମବାସୀଙ୍କ ଆପତ୍ତି ଯୋଗୁଁ ଯଦି ଏହି ଜନସେବା ପ୍ରକଳ୍ପରେ ହସ୍ତକ୍ଷେପ କରାଯାଏ, ତେବେ ଏହା ଭିତ୍ତିଭୂମି ବିକାଶରେ ବାଧା ସୃଷ୍ଟି କରିବା ସହ ଖର୍ଚ୍ଚ ବୃଦ୍ଧିର କାରଣ ହେବ ବୋଲି ହାଇକୋର୍ଟ କହିଛନ୍ତି।






# ରାଷ୍ଟ୍ରପତିଙ୍କୁ ଭେଟିଲେ ବ୍ରହ୍ମାକୁମାରୀ ପ୍ରତିନିଧି ଦଳ

**କଟକ, ୮।୫(ସମିସ):** ଆଜି ରାଷ୍ଟ୍ରପତି ଭବନ ପରିସରରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ଏକ ସୌଜନ୍ୟମୂଳକ ସାକ୍ଷାତକାର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଅନୁଷ୍ଠାନର ଜାତୀୟ ସମନ୍ୱୟକାରୀ ତଥା ଆର୍ଟ ଗ୍ୟାଲେରୀ ନିର୍ଦ୍ଦେଶକ ଡାକ୍ତର ବି.କେ. ନଥମଲ ଏବଂ ବି.କେ. ମଦନ ଭାଇ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିଥିଲେ। ଏହି ଆଲୋଚନା କାଳରେ ପ୍ରତିନିଧି ଦଳ ବ୍ରହ୍ମାକୁମାରୀ ସଂଗଠନ ପକ୍ଷରୁ ପ୍ରଚାରିତ ଆଧ୍ୟାତ୍ମିକତା, ମାନବୀୟ ମୂଲ୍ୟବୋଧ ଏବଂ ବିଶ୍ୱ ଶାନ୍ତି ପ୍ରତିଷ୍ଠା ନିମନ୍ତେ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଷ୍ଟ୍ରପତିଙ୍କୁ ଅବଗତ କରାଇଥିଲେ। ବିଶେଷ କରି ଶାନ୍ତିପୂର୍ଣ୍ଣ ସମାଜ ଗଠନ ଏବଂ ଅଧ୍ୟାପିକ ଚେତନା ମାଧ୍ୟମରେ ରାଷ୍ଟ୍ର ନିର୍ମାଣର ଭାବନାକୁ ଏହି ସାକ୍ଷାତକାରରେ ପ୍ରାଧାନ୍ୟ ଦିଆଯାଇଥିଲା। ସମାଜ କଲ୍ୟାଣ ତଥା ନୈତିକ ଶିକ୍ଷାର ପ୍ରସାର କ୍ଷେତ୍ରରେ ଏଭଳି ଆଲୋଚନା ଅତ୍ୟନ୍ତ ସକାରାତ୍ମକ ପ୍ରଭାବ ପକାଇବ ବୋଲି ଆଶା ପ୍ରକାଶ ପାଇଛି।



# ବିନା ଥଇଥାନରେ ବସ୍ତି ଉଚ୍ଛେଦ ବନ୍ଦ କର

କଟକ, ୮।୫(ସମିସ)



କଟକ ସହରର ବିଭିନ୍ନ ବସ୍ତି, ବିଶେଷ କରି କୃଷକ ବଜାର ବସ୍ତିର ବାସିନ୍ଦାମାନଙ୍କୁ ବିନା ଥଇଥାନରେ ଉଚ୍ଛେଦ କରାଯାଉଥିବା ଅଭିଯୋଗ କରି ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଉଚ୍ଛେଦ ଆତଙ୍କ ଫଳରେ ବସ୍ତିବାସିନ୍ଦାଙ୍କ ଦୈନନ୍ଦିନ ଜୀବନ ଦୁର୍ବିସହ ହୋଇପଡ଼ିଥିବା ବେଳେ ଏହାକୁ ପ୍ରତିହତ କରିବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ମିଳିତ ମଞ୍ଚର ଅଭିଯୋଗ ଅନୁଯାୟୀ, ବସ୍ତିବାସିନ୍ଦାଙ୍କ ବିସ୍ଥାପନ ଓ ଥଇଥାନ ପାଇଁ ରାଜ୍ୟରେ ନିର୍ଦ୍ଦିଷ୍ଟ ଆଇନ ରହିଥିଲେ ହେଁ ପ୍ରଶାସନ ନିଜେ ଏହି ଆଇନକୁ ସମ୍ମାନ ଦେଉନାହିଁ। ବିନା ସାଧାରଣ ଜନସ୍ୱାର୍ଥରେ ଏବଂ ବିନା ନୋଟିସରେ ଗରିବ ଶ୍ରମଜୀବୀଙ୍କ ବାସ ଅଧିକାରକୁ ଅପହରଣ କରିବା ଏବଂ ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିବା ଏକ ଗର୍ହିତ ପଦକ୍ଷେପ ବୋଲି ମଞ୍ଚ ଦର୍ଶାଇଛି। ବିନା ଥଇଥାନରେ ଉଚ୍ଛେଦ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବେଆଇନ କହି ଏଥିରୁ କ୍ଷାନ୍ତ ରହିବାକୁ ପ୍ରଶାସନକୁ ଦାବି କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେମାନଙ୍କର ମୁଖ୍ୟ ଦାବିଗୁଡ଼ିକ ହେଲା, ବିନା ଥଇଥାନରେ କୌଣସି ବସ୍ତି ଉଚ୍ଛେଦ କରାଯିବ ନାହିଁ, ବସ୍ତିବାସିନ୍ଦାଙ୍କୁ ସେମାନଙ୍କ କର୍ମସ୍ଥଳୀ ନିକଟରେ ଥଇଥାନ କରାଯାଇ ଜମି ପଟ୍ଟା ପ୍ରଦାନ କରାଯାଉ, 'ଜାଗା ମିଶନ' ଅନୁଯାୟୀ କୃଷକ ବଜାର ବସ୍ତିବାସିନ୍ଦାଙ୍କୁ ତୁରନ୍ତ ପଟ୍ଟା ଦିଆଯାଉ। ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ପ୍ରତିବାଦରେ ସୁଜାତା ମହାପାତ୍ର, ରାଧାରାଣୀ ସାହୁ, ସିପ୍ରା ମହାନ୍ତି, ଲିଙ୍ଗରାଜ ବାରିକ, ସୁବାସ ନାୟକ, ପବିତ୍ର ସାହୁ, ବେଙ୍ଗ ନାୟକ ଏବଂ ମାନସୀ ରାଉତ ପ୍ରମୁଖ ସାମିଲ ହୋଇଥିଲେ।

**ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ପ୍ରତିବାଦ**

## ମଦ ଜବତ; ୬ ମାମଲା ରୁଜୁ

ଆଠଗଡ,୮।୫(ସମିସ): କଟକ ଜିଲ୍ଲା ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶ ତଥା ଆଠଗଡ ଅବକାରୀ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଶୁକ୍ରବାର ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ଡ଼ାଲୁଅ, କଂସର, ବାଉଁଶ ଟଙ୍ଗୋର, ସରସ୍ୱତୀପୁର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ ଅବକାରୀ ବିଭାଗ, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ, ସଦର ଅବକାରୀ ଥାନା ଏବଂ ଖୁଣ୍ଟୁଣୀ ବନ ବିଭାଗ ସହିତ ଏକ ମିଳିତ ଚଢ଼ଉ କରାଯାଇଥିଲା। ୨୪୮.୫ ଲିଟର ଦେଶୀ ମଦ ସହ ୧୮୪୧୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯାଇଛି ଏବଂ ଛଅଟି ମାମଲା ରୁଜୁ କରାଯାଇଛି।

**● ଆସାମ ନିର୍ବାଚନରେ ସଫଳତା**

## ବୈଜୟନ୍ତଙ୍କୁ ଟେଟ୍ରାହେଡ୍ରନ ଅଧ୍ୟକ୍ଷଙ୍କ ସମ୍ବର୍ଦ୍ଧନା



କଟକ,୮।୫(ସମିସ): ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଭୁବନେଶ୍ୱର ବିମାନ ବନ୍ଦରରେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଆସାମ ନିର୍ବାଚନରେ ବିଜେପିର ସଫଳ ପରିଚାଳନା କରି ଦଳକୁ ଦ୍ୱିତୀୟ ଥର ପାଇଁ ସରକାର ଗଠନ କରିବାରେ ସକ୍ଷମ କରାଇଥିବାରୁ ତାଙ୍କୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଟକ ଜିଲ୍ଲା ଟାଙ୍ଗୀସ୍ଥିତ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ସମର୍ଥକ ଦଳ ବିମାନ ବନ୍ଦରରେ ପହଞ୍ଚିଥିଲେ। ଟାଙ୍ଗୀ ଅଞ୍ଚଳରୁ ପ୍ରାୟ ୮୦ଟି ବୋଲେରୋ ଗାଡ଼ିରେ ୮୦୦ରୁ ଅଧିକ ଯୁବକ ଭୁବନେଶ୍ୱର ଆସି ସାଂସଦଙ୍କୁ ସ୍ୱାଗତ କରିଥିଲେ ଏବଂ ଏକ ବିଶାଳ ପଟୁଆରରେ ତାଙ୍କୁ ରାଜ୍ୟ ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଓ ସାଂସଦ ଶ୍ରୀ ପଣ୍ଡାଙ୍କୁ ଟ୍ରେଟ୍ରାହେଡ୍ରନ ଅଧ୍ୟକ୍ଷ ଓ ତାଙ୍କ ସମର୍ଥକମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ମହାନଦୀ ବିହାରରେ ଦୁଇଦିନିଆ ଚନ୍ଦନ ଯାତ୍ରା ଉତ୍ସବ

କଟକ,୮।୫(ସମିସ): ପବିତ୍ର ଅକ୍ଷୟ ତୃତୀୟା ପରଠାରୁ ଶ୍ରୀଜୀଉମାନଙ୍କର ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ଉପଲକ୍ଷେ କଟକ ମହାନଦୀ ବିହାରସ୍ଥିତ ଶ୍ରୀଜଗନ୍ନାଥ ଉଦ୍ୟାନରେ ଏକ ଭକ୍ତିପୂର୍ଣ୍ଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଆସନ୍ତା ୯ ଏବଂ ୧୦ ମେ ୨୦୨୬ ତାରିଖରେ ସନ୍ଧ୍ୟା ୬ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ଦୁଇଦିନିଆ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଉତ୍ସବ ଅନୁଷ୍ଠିତ ହେବ। ଏହି ଦୁଇ ଦିନ ମଧ୍ୟରେ ଶ୍ରୀଜଗନ୍ନାଥ ଉଦ୍ୟାନ ପରିସରରେ ମହାପ୍ରଭୁଙ୍କ ଚନ୍ଦନ ପୋଖରୀ ବିଜେ ଶୋଭାଯାତ୍ରା ସହ ପାରମ୍ପରିକ ନୀତିକାନ୍ତି ଅନୁଷ୍ଠିତ ହେବ। ଏଥିସହିତ ସନ୍ଧ୍ୟାରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଭଜନ ସନ୍ଧ୍ୟାର ବ୍ୟବସ୍ଥା କରାଯାଇଛି। ଉତ୍ସବ ନିମନ୍ତେ ପରିସରକୁ ଆକର୍ଷଣୀୟ ଆଲୋକମାଳା ଓ ପୁଷ୍ପରେ ସଜ୍ଜିତ କରାଯାଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷର ସହଯୋଗରେ ଏମଡିଏ ଏବଂ ଶ୍ରୀ ଜଗନ୍ନାଥ ସାଂସ୍କୃତିକ ପରିଷଦ ପକ୍ଷରୁ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି ପବିତ୍ର ଚନ୍ଦନ ଯାତ୍ରାରେ ବହୁ ସଂଖ୍ୟାରେ ସାମିଲ ହୋଇ ମହାପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିବାକୁ ସମସ୍ତ ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁମାନଙ୍କୁ ଆୟୋଜକମଣ୍ଡଳୀ ପକ୍ଷରୁ ଅନୁରୋଧ କରାଯାଇଛି।

## ତିଗିରିଆ ପ୍ରାଥମିକ ଏନ୍‌ପିଏସ୍ ଶିକ୍ଷକ ସଂଘ ପୁନର୍ଗଠିତ



ତିଗିରିଆ,୮।୫(ସମିସ): ତିଗିରିଆ ପ୍ରାଥମିକ ଏନପିଏସ ଶିକ୍ଷକ ସଂଘ ଶୁକ୍ରବାର ପୁନର୍ଗଠିତ ହୋଇଯାଇଛି। ତିଗିରିଆ ବ୍ଲକ ମୁଣ୍ଡିପାଗୁଳିସ୍ଥିତ ବାଳମୁକୁନ୍ଦଙ୍କ ପୀଠରେ ଏନପିଏସ ପ୍ରାଥମିକ ଶିକ୍ଷକ ସଂଘର ପ୍ରତିନିଧିମାନଙ୍କୁ ନେଇ ଏକ ବୈଠକ ବରିଷ୍ଠ ଶିକ୍ଷକ ମହେଶ୍ୱର ସେଠୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବରିଷ୍ଠ ଶିକ୍ଷକ କର୍ଣ୍ଣାର୍ଜୁନ ନାଏକଙ୍କୁ ସଂଘର ମହାସଚିବ ରୂପେ ମନୋନୀତ କରାଯାଇଥିବା ବେଳେ ପୂର୍ବତନ ସଭାପତି ଚନ୍ଦ୍ରକାନ୍ତ ମଣି ମିଶ୍ରଙ୍କୁ ସଭାପତି, ମହେଶ୍ୱର ସେଠୀଙ୍କୁ ସଂପାଦକ ଏବଂ ନୀଲମ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନୀତ କରାଯାଇଥିବା ବେଳେ ଉପଦେଷ୍ଟା ଭାବେ ପ୍ରମୋଦ ଗୋଛି, ପ୍ରମୋଦ ବେହେରା, ପ୍ରଭାତ ପଣ୍ଡା, ଚନ୍ଦ୍ରମଣି ସ୍ୱାଇଁ ଏବଂ ସଚ୍ଚିଦାନନ୍ଦ ରାଉଳ ମନୋନୀତ ହୋଇଛନ୍ତି। ସେହିପରି ସଂଘର କୋର କମିଟି ସଦସ୍ୟ ଭାବେ ଉମାଶଙ୍କର ରାଉତ, ପ୍ରଶାନ୍ତ ଘଡେଇ, ସମୀର ବେହେରା, ଦୁଃଶାସନ ବେହେରା, ଶ୍ରୀନିବାସ ବେହେରା, ସଞ୍ଜୟ ରଣା, ଅନୀଲ ସାହୁ, ପବିତ୍ର ପତି, ଦିବାକର ବିଶ୍ୱାଳ, ବିଜୟ ମନ୍ତ୍ରୀ, ସତ୍ୟାନନ୍ଦ ମହାପାତ୍ର, ଶ୍ରୀଧର ସାହୁ ପ୍ରମୁଖ ରହିଛନ୍ତି। ଆୟୋଜିତ ବୈଠକରେ ଶିକ୍ଷକଙ୍କର ନୈତିକ ଅଧିକାର ପାଇଁ ସଂଘ ସର୍ବଦା ନିଜର ଲଢେଇ ଜାରି ରଖିବ ବୋଲି ମତ ପ୍ରକାଶ ପାଇଥିବା ବେଳେ ଶିକ୍ଷକମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାଗ ଯାହାକି ମୂଳ ପୋଷ୍ଟକୁ ଅପଗ୍ରେଡ କରି ମୂଳ ଦରମା ୩୫ ହଜାର ୪୦୦ ଟଙ୍କା ପ୍ରଦାନ ଏବଂ ୨୦୦୧ରୁ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା କରିବା ନାର୍ଯ୍ୟ ଦାବିକୁ ପ୍ରଦାନ ପାଇଁ ବାରମ୍ବାର ପ୍ରତାରଣା କରାଯାଉଥିବାର ବକ୍ତାମାନେ ମତବ୍ୟକ୍ତ କରିଥିଲେ।

## ଟାଙ୍ଗୀ ପୁଲିସ ପକ୍ଷରୁ 'ଜୁଭେନ୍ତିକା' କାର୍ଯ୍ୟକ୍ରମ

**ଇଂରାଜୀ ବ୍ୟାନରକୁ ନେଇ ଚର୍ଚ୍ଚା**

ଟାଙ୍ଗୀ,୮।୫(ସମିସ): ପୁଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ବୃଦ୍ଧି କରିବା, ଶିଶୁ, କିଶୋର ତଥା ମହିଳାଙ୍କ ସୁରକ୍ଷା ବିଶେଷକରି ସାଇବର ଅପରାଧ ରୋକିବା ଦିଗରେ ସଚେତନତା ବୃଦ୍ଧି ନିମନ୍ତେ "ଜୁଭେନ୍ତିକା' ନାମକ ଏକ ଯୋଜନା ରାଜ୍ୟ ସରକାର ଆରମ୍ଭ କରିଛନ୍ତି। ୟୁନିସେଫ୍ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମକୁ ଶୁକ୍ରବାର ଡିଜିପି ୱାଇ.ଭି.ଖୁରାନିଆ ଉଦଘାଟନ କରିଥିବାବେଳେ ରାଜ୍ୟର ସମସ୍ତ ଥାନାରେ ଏହାର ସିଧାପ୍ରସାରଣ କରାଯାଇଛି। ଏହିକ୍ରମରେ ଟାଙ୍ଗୀ ଥାନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଆଇଆଇସି ବିକାଶ ସେଠୀ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଭାରପ୍ରାପ୍ତ ସିଡ଼ିପିଓ ତଥା ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ସଙ୍ଗୀତା ପାଢ଼ୀ ଯୋଗଦେଇ ଉପସ୍ଥିତ ଅଙ୍ଗନବାଡ଼ି କର୍ମୀଙ୍କ ସହ କିଶୋର ଓ କିଶୋରୀମାନଙ୍କୁ ସମ୍ବୋଧିତ କରିଥିଲେ। ତେବେ ସରକାର ଓଡ଼ିଆ ଅସ୍ମିତା କଥା କହୁଥିବାବେଳେ ସରକାରୀ କାର୍ଯ୍ୟକ୍ରମରେ ଇଂରାଜୀ ବ୍ୟାନର ଲେଖାକୁ ଉପସ୍ଥିତ ଜନସାଧାରଣ ନାପସନ୍ଦ କରିଥିବା ଦେଖିବାକୁ ମିଳିଥିଲା।

# ମଝି ରାସ୍ତାରେ ଟ୍ରକ୍ ଖରାପ




- ନାକେଦମ୍ ହେଲା ସାଲେପୁର ପୁଲିସ
- ବାଇପାସ୍ ଦେଇ ଟ୍ରାଫିକ ନିୟନ୍ତ୍ରଣ

ସାଲେପୁର,୮।୫(ସମିସ)

ସାଲେପୁର ସହରର ମୁଖ୍ୟ ରାସ୍ତା ଉପରେ ଏକ ଟ୍ରକ୍ ଖରାପ ହୋଇଯିବାରୁ ଶୁକ୍ରବାର ସନ୍ଧ୍ୟାରେ ବ୍ୟାପକ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। କଟକ-କେନ୍ଦ୍ରାପଡ଼ା ମୁଖ୍ୟ ମାର୍ଗରେ ଶହ ଶହ ସଂଖ୍ୟକ ଗାଡ଼ି ଅଟକି ରହିବା ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ସ୍ଥିତି ଏପରି ଜଟିଳ ହୋଇଥିଲା ଯେ ଟ୍ରାଫିକ ସ୍ୱାଭାବିକ କରିବା ପାଇଁ ସାଲେପୁର ପୁଲିସକୁ ଦୀର୍ଘ ସମୟ ଧରି ନାକେଦମ୍ ହେବାକୁ ପଡ଼ିଥିଲା।

ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ପ୍ରାୟ ୬ଟା ସମୟରେ କଟକ-ସାଲେପୁର ରାସ୍ତାର ପୋଷ୍ଟ ଅଫିସ ନିକଟରେ ଏକ ଟ୍ରକ୍ ହଠାତ୍ ଅଚଳ ହୋଇ ପଡ଼ିଥିଲା। ରାସ୍ତା ମଝିରେ ଟ୍ରକ୍‌ଟି ଛିଡ଼ା ହୋଇ ରହିବାରୁ ଉଭୟ ପାର୍ଶ୍ୱରୁ କଟକ ଓ କେନ୍ଦ୍ରାପଡ଼ା ଅଭିମୁଖେ ଯାଉଥିବା ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାରେ ଗାଡ଼ିର ଲମ୍ବା ଲାଇନ୍ ଲାଗିଯିବାରୁ ସାଲେପୁର ଆଇଆଇସି ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପୁଲିସ ପକ୍ଷରୁ ଗାଡ଼ିଗୁଡ଼ିକର ରୁଟ୍ ପରିବର୍ତ୍ତନ କରାଯାଇଥିଲା। ସାଲେପୁର ସହରକୁ ଆସୁଥିବା ଗାଡ଼ିଗୁଡ଼ିକୁ ଶିଶୁଆ ବାଇପାସ୍ ଦେଇ କେନ୍ଦ୍ରାପଡ଼ା କେନାଲବନ୍ଧ ରାସ୍ତାରେ ଛଡ଼ାଯାଇଥିବା ବେଳେ, କେନ୍ଦ୍ରାପଡ଼ାରୁ କଟକ ଯାଉଥିବା ଗାଡ଼ିଗୁଡ଼ିକୁ କୁଳିଆ ବାଇପାସ୍ ଦେଇ ପଠାଯାଇଥିଲା। ପୁଲିସର ଏହି ତ୍ୱରିତ ପଦକ୍ଷେପ ଯୋଗୁଁ କିଛି ସମୟ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଅନ୍ୟପକ୍ଷରେ, ରାସ୍ତା ମଝିରେ ଖରାପ ହୋଇଥିବା ଟ୍ରକ୍‌ଟି ଅତ୍ୟନ୍ତ ପୁରୁଣା ବୋଲି ଜଣାପଡ଼ିଛି। ଗାଡ଼ିର କାଗଜପତ୍ର ଯାଞ୍ଚ କରାଯାଉଛି ଏବଂ ନିୟମ ଉଲ୍ଲଂଘନ କରିଥିବାରୁ ଗାଡ଼ି ମାଲିକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ସହ ଜରିମାନା ଆଦାୟ କରାଯିବ ବୋଲି ସାଲେପୁର ଆଇଆଇସି ସୂଚନା ଦେଇଛନ୍ତି। ପୁରୁଣା ଗାଡ଼ି ଯୋଗୁଁ ମୁଖ୍ୟ ରାସ୍ତାରେ ଏଭଳି ସମସ୍ୟା ସୃଷ୍ଟି ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ନବୀନଙ୍କୁ ଭେଟିଲେ ଜୟଦେବ ବିଜେଡି କର୍ମୀ



- ସମାବେଶ ପାଇଁ ଫଳଝୁଡ଼ି ସହ ନିମନ୍ତ୍ରଣପତ୍ର ଦେଲେ
- ଶୋଭାଯାତ୍ରାରେ ସାମିଲ ହେଲେ ହଜାର ହଜାର କର୍ମକର୍ତ୍ତା
- ଆଇନଶୃଙ୍ଖଳା ସ୍ଥିତି ନେଇ ବିରୋଧୀ ଦଳ ନେତାଙ୍କ ଉଦ୍‌ବେଗ

ବାଲିଅନ୍ତା, ୮।୫(ସମିସ): ଜୟଦେବ ନିର୍ବାଚନ ମଣ୍ଡଳୀ ବିଜେଡି ସଂଗଠନର ୧ ହଜାରରୁ ଅଧିକ କର୍ମୀ ଏକ ଶୋଭାଯାତ୍ରାରେ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ଆଗାମୀ ଦିନରେ ଦଳୀୟ କାର୍ଯ୍ୟପନ୍ଥା ନେଇ ତାଙ୍କ ସହିତ ଆଲୋଚନା କରିଥିଲେ। ବିଶେଷକରି ଜୟଦେବ ନିର୍ବାଚନ ମଣ୍ଡଳୀରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ଓ ନିକଟରେ ଘଟିଥିବା ଭିଡ଼ ହତ୍ୟା ଘଟଣାରେ ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକ ଉଦବେଗ ପ୍ରକାଶ କରିଥିଲେ। ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିବା ସହ ଅପରାଧୀଙ୍କ ବରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଶ୍ରୀ ପଟ୍ଟନାୟକ ଦାବି କରିଥିଲେ। ଏଭଳି ପରିସ୍ଥିତିରେ ଜନସାଧାରଣ ବିଶେଷ କରି ମା'ମାନେ ଅସୁରକ୍ଷିତ ହୋଇ ପଡ଼ିଛନ୍ତି ବୋଲି ନେତା ଓ କର୍ମୀମାନେ ନବୀନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟାନ୍ୟ ବିଷୟଗୁଡ଼ିକ ମଧ୍ୟରେ ଜୟଦେବରେ ବିଜେଡିର ସାଂଗଠନିକ ସ୍ଥିତିକୁ କିପରି ଅଧିକ ମଜଭୁତ କରାଯାଇ ପାରିବ, ସେ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ମଧ୍ୟ ମତ ବିନିମୟ କରିଥିଲେ। ଉପସ୍ଥିତ କର୍ମୀମାନେ ସମାବେଶ ଆୟୋଜନ କରିବାକୁ ଯାଉଥିବାରୁ ନବୀନଙ୍କୁ ଫଳଝୁଡି ଏବଂ ନିମନ୍ତ୍ରଣ ପତ୍ର ପ୍ରଦାନ କରିଥିଲେ। ଖୁବଶୀଘ୍ର ଜୟଦେବ ଗସ୍ତ କରି କର୍ମୀ ସମାବେଶରେ ଯୋଗ ଦେବେ ବୋଲି ନବୀନ କହିଥିଲେ।

ଏହି ପରିପ୍ରେକ୍ଷୀରେ ଅପରାହ୍ଣ ୩ଟା ମଧ୍ୟରେ ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକର ବିଜେଡି କର୍ମୀ ବାଳକାଟି ମେଳଣ ପଡ଼ିଆ ଏବଂ ସୁଦର୍ଶନ ଦେବ ଦାରୁପୀଠ ନିକଟରେ ଏକତ୍ରିତ ହୋଇଥିଲେ। ସେଠାରୁ ଶୋଭାଯାତ୍ରାରେ ବାହାରି ଶଙ୍ଖ ଭବନରେ ପହଞ୍ଚିଥିଲେ। ସେଠାରେ ୧୮ ନମ୍ବର ପୂର୍ବତନ ଜିଲ୍ଲା ପରିଷଦ ଭାଗ୍ୟଲକ୍ଷ୍ମୀ ମିଶ୍ରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ରାଜ୍ୟ ସମ୍ପାଦକ ସୋଲାର ମିଶ୍ର, ବାଲିଅନ୍ତା ବ୍ଲକ ୧୮ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ମଙ୍ଗରାଜ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅମରେନ୍ଦ୍ର ପ୍ରସାଦ ପଟ୍ଟନାୟକ, ତ୍ରୈଲୋକ୍ୟ ମଙ୍ଗରାଜ, କରୁଣାକର ବେହେରା, ବିରଞ୍ଚି ନାରାୟଣ କର ଦୁର୍ଗାନନ୍ଦନ ମିଶ୍ର, ଅରବିନ୍ଦ ସାହୁ, ବାଲିପାଟଣା ବ୍ଲକ ପୂର୍ବତନ ସଭାପତି ପ୍ରତାପ କେଶରୀ ନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତ୍ରିବିକ୍ରମ ଦାଶ, ବିନେଶ ନାୟକ, ପ୍ରଦୀପ୍ତ ସେନାପତି ଏବଂ ମିର ନାଶିର ଅଲ୍ଲୀଙ୍କ ପ୍ରମୁଖଙ୍କ ସମେତ ବହୁ ପୁରୁଖା ନେତା ସାମିଲ ଥିଲେ। ପ୍ରାୟ ୧ ହଜାରରୁ ଅଧିକ କର୍ମୀ ଶୋଭାଯାତ୍ରାରେ ଯାଇଥିଲେ।

## କଟକ କଲେଜରେ ବିଶ୍ୱ ରେଡ୍‌କ୍ରସ୍ ଦିବସ

କଟକ,୮।୫(ସମିସ): କଟକ କଲେଜ ରେଡ୍ କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ବିଶ୍ୱ ରେଡ୍ କ୍ରସ୍ ଦିବସ ଅଧ୍ୟକ୍ଷା ଡକ୍ଟର ରୁନୁବାଳା ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କଲେଜ ସମ୍ମୁଖରେ ଅଂଶୁଘାତ ସଚେତନତା ସହିତ ଆୟୋଜିତ ଜଳସେବା ଶିବିରରେ ପଥଚାରୀଙ୍କୁ ଦହି ଓ ଥଣ୍ଡା ପାନୀୟ ଜଳ ବଣ୍ଟନ କରାଯାଇଥିଲା। ଉଲ୍ଲେଖନୀୟ ସେବା କାର୍ଯ୍ୟ ନିମନ୍ତେ ୟୁନିଟ୍ ସଦସ୍ୟା ସୁଜଲ୍ ସ୍ୱାଇଁ ଓ ନାଜମିନ୍ ସୁଲତାନାଙ୍କୁ ଅଧ୍ୟକ୍ଷା ଡକ୍ଟର ମହାରଣା ଓ ଇଂରାଜୀ ବିଭାଗର ପ୍ରାଧ୍ୟାପିକା ଡକ୍ଟର ପ୍ରଣତୀ ପଟ୍ଟନାୟକ ପ୍ରଶଂସା ପତ୍ର ପ୍ରଦାନ କରିଥିଲେ। ବାଣିଜ୍ୟ ଅଧ୍ୟାପକ ଡକ୍ଟର ଦେବେନ୍ଦ୍ର କୁମାର ଓଝା, ରେଡ୍ କ୍ରସ୍ ଅଧିକାରୀ କୁମାର ପ୍ରଦୀପ୍ତ ମିଶ୍ର ଓ ସଂଯୋଜିକା ଇନ୍ଦିରା ପ୍ରିୟଦର୍ଶିନୀ ପଣ୍ଡାଙ୍କ ସଂଯୋଜନାରେ




ଆୟୋଜିତ ଏହି କାର୍ଯ୍ୟକ୍ରମରେ କର୍ମଚାରୀ ସଂଘ ସଂପାଦକ ଅଧ୍ୟାପକ ଚିନ୍ମୟ କୁମାର ଦାସ, ଅଧ୍ୟାପିକା ଡକ୍ଟର ବନ୍ଦନା ସ୍ୱାଇଁ, ଅଧ୍ୟାପିକା ଡକ୍ଟର ମନ୍ଦାକିନୀ ପଣ୍ଡା, ଅଧ୍ୟାପକ ମଣ୍ଟୁ ଜେନା, ଅଧ୍ୟାପକ ଗୋବିନ୍ଦଚନ୍ଦ୍ର ପୂର୍ତ୍ତି ମତ ବ୍ୟକ୍ତ କରିଥିଲେ। କର୍ମଚାରୀ ନାରାୟଣ ମହାରଣା ଓ ମାନସ ରଞ୍ଜନ ସାମଲ ସହାୟତା କରିଥିବା ବେଳେ ଟିମ୍ ଲିଡର ଅମିତ୍ ସ୍ୱାଇଁ, ବାସୁଦେବ ଖିଳର ଓ ରାମେଶ୍ୱରୀ ସାହୁ ସହଯୋଗ କରିଥଲେ।

## ୪୦ନଂ ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

କଟକ,୮।୫(ସମିସ): କଟକ ମହାନଗର ନିଗମ ଅନ୍ତର୍ଗତ ୪୦ ନମ୍ବର ୱାର୍ଡ ମଝିସାହିଠାରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଆଜି ସନ୍ଧ୍ୟାରେ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ରାଜ୍ୟ ସଭାପତି ମହମ୍ମଦ ମୋକିମ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀ ମୋକିମ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ସ୍ଥାନୀୟ ବାସିନ୍ଦାଙ୍କ ସୁଖଦୁଃଖରେ ସାଥୀ ହୋଇ ରହିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ଯୋଗଦେଇ କହିଥିଲେ ଯେ ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଏକ ସଶକ୍ତ ମାଧ୍ୟମ ପାଲଟିଛି। ଏହି ଅବସରରେ ଦଳର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳର ଅନେକ ସକ୍ରିୟ କର୍ମୀ ଆନୁଷ୍ଠାନିକ ଭାବେ ଓଡ଼ିଶା ଜନତା କଂଗ୍ରେସରେ ସାମିଲ ହୋଇଥିଲେ। ରାଜ୍ୟ ସଭାପତି ଶ୍ରୀ ମୋକିମ ସେମାନଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ମହିଳା, ଯୁବକ ଏବଂ ଅଞ୍ଚଳର ବରିଷ୍ଠ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଦଳ ପ୍ରତି ସମର୍ଥନ ଜଣାଇଥିଲେ। ସଭା ଶେଷରେ ଉପସ୍ଥିତ କର୍ମକର୍ତ୍ତାମାନେ ଅଞ୍ଚଳର ଉନ୍ନତି ପାଇଁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ। ଏହି ସମ୍ମିଳନୀରେ ସଦାନନ୍ଦ ଦାସ, ଲୋକନାଥ ବେହେରା, ପ୍ରମୋଦ କୁମାର ଜେନା, ଶ୍ରୀମନ୍ତ ଦାସ, ଉମାରାଣୀ ବେହେରା, ରତ୍ନାକର ସାମଲଙ୍କ ସମେତ ଅନେକ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଅତ୍ୟାଚାର ମାମଲାରେ ଯୁଗ୍ମ ତଦନ୍ତ ହେଉ ନ ଥିବା ଅଭିଯୋଗ

**ଅନୁସୂଚିତ ଜାତି କମିସନଙ୍କ ଦ୍ୱାରସ୍ଥ ହେଲା ସଂଘ**

କଟକ,୮।୫(ସମିସ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉପରେ ଘଟୁଥିବା ଅତ୍ୟାଚାର ମାମଲାଗୁଡ଼ିକରେ ଓଡ଼ିଶା ପୁଲିସ ପ୍ରଶାସନ ପକ୍ଷରୁ ବର୍ଷ ବର୍ଷ ଧରି ଯୁଗ୍ମ ତଦନ୍ତ, ସୁପରଭିଜନ ରିପୋର୍ଟ ଏବଂ ଚାର୍ଜସିଟ୍ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ ହେଉ ନ ଥିବା ଗୁରୁତର ପ୍ରସଙ୍ଗ ଏବେ ସାମ୍ନାକୁ ଆସିଛି। ଏହି ସମସ୍ୟାର ସମାଧାନ ନିମନ୍ତେ "ସମ୍ବିଧାନ ଅଧିକାର ଅଭିଯାନ ଓଡ଼ିଶା' ପକ୍ଷରୁ ଏକ ପ୍ରତିନିଧି ଦଳ ଜାତୀୟ ଅନୁସୂଚିତ ଜାତି କମିସନଙ୍କ କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ନିର୍ଦ୍ଦେଶିକା ସୋନାଲି ଦତ୍ତଙ୍କୁ ସାକ୍ଷାତ କରି ଏକ ବିସ୍ତୃତ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ସଂଘର ଅଭିଯୋଗ ଅନୁଯାୟୀ, ଓଡ଼ିଶାରେ ଏସସି/ଏସଟି ଅତ୍ୟାଚାର ସମ୍ବନ୍ଧୀୟ ମାମଲାଗୁଡ଼ିକରେ ଆଇନ ଅନୁଯାୟୀ ୭ ଦିନ ମଧ୍ୟରେ ସୁପରଭିଜନ ରିପୋର୍ଟ, ୧୫ ଦିନ ମଧ୍ୟରେ ଯୁଗ୍ମ ତଦନ୍ତ ଏବଂ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ହେବାର ପ୍ରାବଧାନ ଥିଲେ ମଧ୍ୟ ବହୁ ମାମଲା ବର୍ଷ ବର୍ଷ ଧରି ଲମ୍ବି ରହୁଛି, ଯାହା ଫଳରେ ପୀଡ଼ିତ ପରିବାରମାନେ ନ୍ୟାୟରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ଅଧ୍ୟକ୍ଷ ମନୋରଞ୍ଜନ ଜେନା ଅଭିଯୋଗ କରିଛନ୍ତି ଯେ ପୁଲିସର ବିଳମ୍ବିତ ତଦନ୍ତ କାରଣରୁ ନିର୍ଯ୍ୟାତିତ ବର୍ଗର ଲୋକେ ଭୟଭୀତ ହୋଇ ସାକ୍ଷ୍ୟ ଦେବାରେ ବିଫଳ ହେଉଛନ୍ତି ଏବଂ ପ୍ରତ୍ୟେକ ଜିଲ୍ଲାରେ ଶହ ଶହ ମାମଲାକୁ ମିଥ୍ୟା କିମ୍ବା ସନ୍ଦେହଜନକ ଭାବେ ବନ୍ଦ କରାଯାଇଛି। ସଂଗଠନ ପକ୍ଷରୁ ଦାବି କରାଯାଇଛି ଯେ ସନ୍ଦେହଜନକ ମାମଲାଗୁଡ଼ିକର ବରିଷ୍ଠ ଆଇପିଏସ




ଅଧିକାରୀଙ୍କ ଦ୍ୱାରା ପୁନଃ ତଦନ୍ତ କରାଯାଉ, ପ୍ରତ୍ୟେକ ତଦନ୍ତର ଭିଡିଓ ରେକର୍ଡିଂ ବାଧ୍ୟତାମୂଳକ ହେଉ ଏବଂ ସମସ୍ତ ରିପୋର୍ଟ ଅନଲାଇନ୍ ପୋର୍ଟାଲରେ ଅପଲୋଡ୍ କରାଯାଉ। ଏଥି ସହିତ ୨୦୧୬ ମସିହାରୁ ସଂଶୋଧିତ ହୋଇ ନ ଥିବା କ୍ଷତିପୂରଣ ରାଶି ଓ ଛାତ୍ରବୃତ୍ତିରେ ବୃଦ୍ଧି ପାଇଁ ମଧ୍ୟ ଅନୁରୋଧ କରାଯାଇଛି। ନିର୍ଦ୍ଦେଶିକା ସୋନାଲି ଦତ୍ତ ଏହି ପ୍ରସଙ୍ଗକୁ ଗୁରୁତ୍ୱର ସହ ଗ୍ରହଣ କରି କମିଶନସ୍ତରରେ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିନିଧି ଦଳକୁ ଆଶ୍ୱାସନା ଦେଇଛନ୍ତି। ଏହି ସାକ୍ଷାତକାର ସମୟରେ ସଂପାଦିକା ସୁପ୍ରଭା ମଲ୍ଲିକ ଓ ସଂଯୋଜକ ପିଣ୍ଟୁ ଜେନାଙ୍କ ସମେତ ସଂଗଠନର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

**■ ଉତ୍କଳ ସାହିତ୍ୟ ସମାଜର ୧୨୪ତମ ପ୍ରତିଷ୍ଠା ଦିବସ**

# 'ଅନ୍ୟକୁ କୋଳାଗ୍ରତ କରିପାରୁଥିବା ସାହିତ୍ୟ ହିଁ ସଚ୍ଚା ସାହିତ୍ୟ'



କଟକ,୮।୫(ସମିସ): ଉତ୍କଳ ସାହିତ୍ୟ ସମାଜ ଆମ ଅସ୍ମିତାର ପ୍ରତୀକ। ଏହାର ଗଠନ ଓ ବିକାଶରେ ଯେଉଁ ମହାନ୍ ବରପୁତ୍ରମାନେ ତ୍ୟାଗ ସ୍ୱୀକାର କରିଛନ୍ତି, ସେମାନେ ଏ ଜାତିର ନମସ୍ୟ ବୋଲି ଉତ୍କଳ ସାହିତ୍ୟ ସମାଜର ୧୨୪ ତମ ପ୍ରତିଷ୍ଠା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ପ୍ରତିଷ୍ଠା ଦିବସକୁ ଉଦଘାଟନ କରି ନ୍ୟାୟମୂର୍ତ୍ତି ଚିତ୍ତରଞ୍ଜନ ଦାଶ ଉତ୍କଳ ସାହିତ୍ୟ ସମାଜ ଗ୍ରହଣ କରିଥିବା ଅଗ୍ର-ଭୂମିକା ସଂପର୍କରେ ଆଲୋକପାତ କରି ଏହି ଅନୁଷ୍ଠାନର ଗୌରବମୟ ଅତୀତକୁ ଆମେ ମାନେ ପାସୋରିବା ଉଚିତ ନୁହେଁ ବୋଲି ପ୍ରକାଶ କରିଥିଲେ। ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ "ଜେମା ସାମନ୍ତ ସୃଜନୀ ପୁରସ୍କାର-୨୦୨୬' ବାବଦରେ ପଚାଶ ହଜାର ଅର୍ଥରାଶି ସହିତ ଅନୁଷ୍ଠାନର ପ୍ରତୀକ ଚିହ୍ନ ଓ ଉପଢୌକନ ଗ୍ରହଣ କରି ବିଶିଷ୍ଟ ସାରସ୍ୱତ ସାଧକ ପ୍ରଫେସର ଆଦିକନ୍ଦ ସାହୁ କହିଲେ ଯେ, ଯେଉଁ ସାହିତ୍ୟ ଅନ୍ୟକୁ କୋଳାଗ୍ରତ କରିବାକୁ ସମର୍ଥ, ତାହା ହିଁ ସଚ୍ଚା ସାହିତ୍ୟ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଚଣ୍ଡୀ ପ୍ରସାଦ ନନ୍ଦ କହିଲେ ଯେ, ଭାଷା, ସାହିତ୍ୟ ଓ ସଭ୍ୟତାକୁ ନେଇ ପ୍ରଥମେ ଉତ୍କଳ ସାହିତ୍ୟ ସମାଜ ଯେଉଁ ଆଲୋଚନାର ସୂତ୍ରପାତ କରିଥିଲା, ପରବର୍ତ୍ତୀ କାଳରେ ତାହା ସାହିତ୍ୟିକ ଓ ଇତିହାସକାରଙ୍କ ପାଇଁ ପ୍ରେରଣାପ୍ରଦ ହୋଇପାରିଛି। ମୁଖ୍ୟବକ୍ତା ଡକ୍ଟର କୈଳାସ ଚନ୍ଦ୍ର ଦାଶ ଉତ୍କଳ ସାହିତ୍ୟ ସମାଜର ବୈଚିତ୍ର୍ୟପୂର୍ଣ୍ଣ ଇତିହାସ ସଂପର୍କରେ ଆଲୋଚନା କରି ସାରସ୍ୱତ ନବଜାଗରଣ ସୃଷ୍ଟି କ୍ଷେତ୍ରରେ ଏହାର ବଳିଷ୍ଠ ଭୂମିକାକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର ବିତରଣ କରାଯାଇଥିଲା। ଉତ୍ସବରେ କୋଷାଧ୍ୟକ୍ଷ ଦିଲ୍ଲୀପ ଦାସ ଅତିଥି ଆମନ୍ତ୍ରଣ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦକ ରାଜୀବ କୁମାର ଷଡଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟ ନିର୍ବାହିକା ସମିତି ସଭ୍ୟ ପ୍ରାଧ୍ୟାପକ ଆଦିତ୍ୟ ପ୍ରତାପ ଧଳ କୃତୀ ପ୍ରତିଯୋଗୀଙ୍କ ନାମ ଘୋଷଣା ଓ ମୀରା ବେଉରା ମାନପତ୍ର ପାଠ କରିଥିଲେ। ଜେମା-ସାମନ୍ତଙ୍କ କନ୍ୟା ଡାକ୍ତର ବାଣୀ ସାମନ୍ତ ଓ ସଂପର୍କୀୟ ପ୍ରାଧ୍ୟାପିକା ବିଜୟିନୀ ସିଂହଦେଓ ଯୋଗଦେଇଥିଲେ। ସଂଗଠନ ସଂପାଦକ ଶଶିକାନ୍ତ ରାଉତ ଧନ୍ୟବାଦ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କାର୍ଯ୍ୟନିର୍ବାହିକା ସମିତିସଭ୍ୟ ବୈଜନ୍ତୀମାଳା ଶତପଥୀ, ରଘୁ ସାହୁ, ଗୀତାଞ୍ଜଳି ପୃଷ୍ଟି, ଶିବାଶିଷ କରଙ୍କ ସମେତ ଶତାଧିକ ସାହିତ୍ୟିକ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ପୂର୍ବାହ୍ଣରେ ସଭାପତି ଅନୁଷ୍ଠାନର ପତାକା ଉତ୍ତୋଳନ କରିଥିବା ବେଳେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଚାରାରୋପଣ କରାଯାଇଥିଲା।

# ମାଛ ଚାଷ କରି କାଙ୍ଗାଳ ହୋଇଗଲେ ମହିଳା ଗୋଷ୍ଠୀ

ନିଶ୍ଚିନ୍ତକୋଇଲି, ୮।୫(ସମିସ)



● ୨୫ ଲକ୍ଷରେ ପୋଖରୀ ନିଲାମ ନେଇ ମହିଳା ଅସହାୟ
● ପ୍ରଭାବଶାଳୀଙ୍କ ଜବରଦଖଲ ଓ ପ୍ରଶାସନିକ ନିରବତା ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାର କ୍ଷତି

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କାର ପ୍ରୋତ୍ସାହନ ଦେଉଥିବା ବେଳେ ପ୍ରଶାସନିକ ଅବହେଳା ଯୋଗୁଁ ଏବେ ମହିଳାମାନେ ଦାଣ୍ଡରେ ବସିବା ଭଳି ସ୍ଥିତି ଉପୁଜିଛି। ନିଶ୍ଚିନ୍ତକୋଇଲି ବ୍ଲକ ବୁହାଲୋ ପଞ୍ଚାୟତରୁ ଆସିଛି ଏଭଳି ଏକ ସଂଗୀନ ଅଭିଯୋଗ। ବ୍ଲକ ମତ୍ସ୍ୟ ବିଭାଗର ପ୍ରତିଶ୍ରୁତିକୁ ବିଶ୍ୱାସ କରି ମାଛ ଚାଷ ପାଇଁ ପୋଖରୀ ନିଲାମ ନେଇଥିବା 'ବୀଣାପାଣି ସ୍ୱୟଂ ସହାୟିକା ଗୋଷ୍ଠୀ' ଏବେ ବ୍ୟାପକ ଆର୍ଥିକ କ୍ଷତିର ସମ୍ମୁଖୀନ ହୋଇଛି।

ସୂଚନା ଅନୁଯାୟୀ, ବୀଣାପାଣି ଏସଏଚଜି ଗୋଷ୍ଠୀ ସ୍ଥାନୀୟ ବୁହାଲୋ ଏବଂ ବରପଡ଼ାସ୍ଥିତ ସୋମନାଥ ବଡ଼ପୋଖରୀକୁ ୫ ବର୍ଷ ପାଇଁ ୨୫ ଲକ୍ଷ ଟଙ୍କା ବିନିମୟରେ ନିଲାମ ନେଇଥିଲେ। ପୋଖରୀଟି କେତେକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଜବରଦଖଲରେ ରହିଥିବାରୁ, ନିଲାମ ସମୟରେ ଏହାକୁ ମୁକ୍ତ କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ଦୀର୍ଘ ୨ ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରଶାସନ ଜବରଦଖଲ ହଟାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। କେବଳ ଜବରଦଖଲ ନୁହେଁ, ପୋଖରୀ ଖନନ ଏବଂ ଜଳସେଚନ ପାଇଁ ବୋରିଂ ସ୍ଥାପନ ନିମନ୍ତେ ବିଭାଗ ପକ୍ଷରୁ ଦିଆଯାଇଥିବା ପ୍ରତିଶ୍ରୁତି ମଧ୍ୟ ପାଳନ କରାଯାଇନାହିଁ। ଫଳରେ ଗ୍ରୀଷ୍ମ ଋତୁରେ ପୋଖରୀର ଜଳସ୍ତର ହ୍ରାସ ପାଇବା ଯୋଗୁଁ ଗତବର୍ଷ ପ୍ରାୟ ୫ ଟନରୁ ଅଧିକ ମାଛ ମରି ନଷ୍ଟ ହୋଇଯାଇଛି। ସେହିଭଳି ବର୍ଷା ଦିନେ ପୋଖରୀ ବନ୍ଧ ଉଚ୍ଚ ନ ଥିବା ଏବଂ ଉଦବୃତ ଜଳ ନିଷ୍କାସନ ବ୍ୟବସ୍ଥା ନ ଥିବାରୁ ପୋଖରୀରୁ ଲକ୍ଷ ଲକ୍ଷ ଟଙ୍କାର ମାଛ ବାହାରକୁ ପଳାଉଛନ୍ତି। ଏହି ମହିଳା ଗୋଷ୍ଠୀ ମାଛ ଚାଷ ପାଇଁ ଜାତୀୟକରଣ ବ୍ୟାଙ୍କରୁ ଋଣ ଆଣିଥିଲେ। ମାତ୍ର ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି ଓ ଅସହଯୋଗ ଯୋଗୁଁ ଉତ୍ପାଦନ ହ୍ରାସ ପାଇବା ସହ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ମତ୍ସ୍ୟ ବିଭାଗ କେବଳ ନିଲାମ ନେବା ସମୟରେ ତାଲିମ ଓ ସହାୟତାର ବଡ଼ ବଡ଼ କଥା କହୁଥିବା ବେଳେ କ୍ଷେତ୍ରସ୍ତରରେ ଚାଷୀଙ୍କ ସୁବିଧା ଅସୁବିଧା ବୁଝିବାକୁ କେହି ନାହାନ୍ତି। ବାରମ୍ବାର ପ୍ରଶାସନର ଦ୍ୱାରସ୍ଥ ହେବା ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ମହିଳା ଗୋଷ୍ଠୀ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଜବରଦଖଲ ଉଚ୍ଛେଦ ସହ ପୋଖରୀର ସଂସ୍କାର କରାଯାଇ ବୀଣାପାଣି ସ୍ୱୟଂ ସହାୟିକା ଗୋଷ୍ଠୀକୁ ନ୍ୟାୟ ପ୍ରଦାନ କରିବାକୁ ଦାବି ହୋଇଛି।

## ରାଜ୍ୟସ୍ତରୀୟ ଗୋପାଳ ବୈଷ୍ଣବ ସମାଜ ସମ୍ମିଳନୀ ପ୍ରସ୍ତୁତି ବୈଠକ

ନେମାଳ, ୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳସ୍ଥିତ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ ନିକଟରେ ଆସନ୍ତା ୯ ଓ ୧୦ ତାରିଖ ଦୁଇଦିନ ଧରି ଉତ୍କଳୀୟ ଗୋପାଳ ବୈଷ୍ଣବ ସମାଜର ରାଜ୍ୟସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ କଲ୍ୟାଣ ମଣ୍ଡପରେ ରାଜ୍ୟ ଯୁଗ୍ମ ସମ୍ପାଦକ ସ୍ୱନ୍ଦନ କୁମାର ପୂଝାରୀଙ୍କ ସଭାପତିତ୍ୱରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଧରଣୀଧର ପୂଝାରୀ, ସୁବାସଚନ୍ଦ୍ର ଦାସ, କାର୍ତ୍ତିକଚନ୍ଦ୍ର ଦାସ, ଉପେନ୍ଦ୍ର ପୂଝାରୀ, ପଦ୍ମନାଭ ପୂଝାରୀ, ହୃଷିକେଶ ପୂଝାରୀ, ରୁଦ୍ରନାରାୟଣ ଦାସ, ପ୍ରହଲ୍ଲାଦ ପୁଝାରୀ, ଦିଲ୍ଲୀପ ପୂଝାରୀ ଓ ବିଭୂତିଭୂଷଣ ପୂଝାରୀଙ୍କ ସମେତ ବହୁ ଯୁବ ଓ ବରିଷ୍ଠ କର୍ମକର୍ତ୍ତା ସମ୍ମିଳନୀକୁ ସଫଳ କରିବା ପାଇଁ ସମସ୍ତ ଗୋପାଳ ବୈଷ୍ଣବଙ୍କ ସହଯୋଗ କାମନା କରିଛନ୍ତି। ସମ୍ମିଳନୀରେ ବୈଷ୍ଣବ ଧର୍ମ, ସଂସ୍କୃତି ଓ ସନାତନ ଧର୍ମ ସମ୍ପର୍କରେ ତାତ୍ତ୍ୱିକ ଆଲୋଚନା କରାଯିବା ସହ ଅନୁଷ୍ଠାନର ମୁଖପତ୍ର 'ଶ୍ରୀବୈଷ୍ଣବ ତିଳକ' ଉନ୍ମୋଚିତ ହେବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ



ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧନା, ପ୍ରଭାତ ଫେରି, ସାଂଗଠନିକ ଆଲୋଚନା ଏବଂ ଧର୍ମ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ସମାଜର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ଏହି ରାଜ୍ୟସ୍ତରୀୟ ସମ୍ମିଳନୀରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ କମିଟି ପକ୍ଷରୁ ନିବେଦନ କରାଯାଇଛି।

## ଲକ୍ଷ୍ମୀନାରାୟଣ ସଙ୍ଗୀତ ନାଟ୍ୟ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ



ଚୌଦ୍ୱାର, ୮।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ବଡ଼ସାମନ୍ତରାପୁର ପଞ୍ଚାୟତର ସର୍ଦ୍ଦାରଖରିଦାସ୍ଥିତ ଲକ୍ଷ୍ମୀନାରାୟଣ ଶିକ୍ଷାନୁଷ୍ଠାନ ପରିସରରେ ଖୋଲାଯାଇଥିବା ସଙ୍ଗୀତ ନାଟ୍ୟ ଶିକ୍ଷାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କଟକ ଅରୁଣୋଦୟ ମାର୍କେଟ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ସମରେନ୍ଦ୍ର ଘୋଷ ଏବଂ ମୀନାକ୍ଷୀ ଘୋଷ ଏହାକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶୀ ନୃତ୍ୟ ଶିଳ୍ପୀ ସୋନାଲୀ ଘୋଷଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ କଟକ ଅଭିନବର ସଭାପତି ଜୀବନ ପଟ୍ଟନାୟକ, ହିନ୍ଦ୍ ସେବକ ସଂଘର ବରିଷ୍ଠ ସଦସ୍ୟ ଗଙ୍ଗାଧର ସାହୁ, ସିଆରସିସି ମାନସ ରାଉତ, ବରିଷ୍ଠ ନାଗରିକ ବିଭୁଦାସ ବର୍ଦ୍ଧନ, ସୁରେନ୍ଦ୍ର ବାରିକ, ରାଜେଶ ଘୋଷ, ଦାମୋଦର ଗୋଛାୟତ ପ୍ରମୁଖ ଅତିଥି ଯୋଗ ଦେଇଥିଲେ। ଗ୍ରାମର ମୁରବୀ ପରମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବାସୁଦେବ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୃଷ୍ଣଚନ୍ଦ୍ର ସେଠୀ ଧନ୍ୟବାଦ ଦେଇଥିଲେ। ପିଲାଙ୍କ ଦ୍ୱାରା ଚିତ୍ତାକର୍ଷକ ନୃତ୍ୟ ବିଚିତ୍ରା ପରିବେଷଣ କରାଯାଇଥିଲା।

## ମାଟ୍ରିକ୍‌ରେ ଏ-୧ ଗ୍ରେଡ୍ ପାଇଲେ ନିର୍ମାଲ୍ୟ

କନ୍ଦରପୁର, ୮।୫(ସମିସ): କଟକ ସଦର ଅନ୍ତର୍ଗତ ଆୟତପୁର ନୋଡାଲ ଉଚ୍ଚ ବିଦ୍ୟାଳୟର ଛାତ୍ର ନିର୍ମାଲ୍ୟ ବେହେରା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଚମତ୍କାର ସଫଳତା ହାସଲ କରିଛନ୍ତି। ସେ ମୋଟ ୫୪୮ ନମ୍ବର ରଖି ଏ-୧ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇ ବିଦ୍ୟାଳୟ ତଥା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଦୀପ୍ତି ବସ୍ତିଆଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ବିଶିଷ୍ଟ ଅତିଥି



ଭାବେ ସ୍ତ୍ରୀ ଓ ପ୍ରସୂତି ବିଭାଗର ପ୍ରଫେସର ଡାକ୍ତର ଶରତ ମହାପାତ୍ରଙ୍କ ସହ ଆୟତପୁର ସରପଞ୍ଚ ରାକେଶ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କୈଳାସଚନ୍ଦ୍ର ବିଶ୍ୱାଳ ଏବଂ ଫକିରପଡ଼ା କ୍ଲଷ୍ଟର ସିଆରସି ଜ୍ୟୋତି ସାହୁ ନିର୍ମାଲ୍ୟଙ୍କ ସଫଳତାର ପ୍ରଶଂସା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ଶକ୍ତିଶ୍ରୀ ସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି, ୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ପିଠାପଡ଼ାଠାରେ ଥିବା ମହାପୁରୁଷ ଅଚ୍ୟୁତାନନ୍ଦ ସଂସ୍କୃତ ମହାବିଦ୍ୟାଳୟ ଶକ୍ତିଶ୍ରୀ ବିଭାଗ ପକ୍ଷରୁ ଏକ ଜନସଶକ୍ତୀକରଣ ସଚେତନତା କାର୍ଯ୍ୟକ୍ରମ ତିନି ଦିନ ଧରି ଅନୁଷ୍ଠିତ ହୋଇଛି। ଆଇନ ସଚେତନତା, ଅଗ୍ନି ନିରାପତ୍ତା ସଚେତନତା, ନାରୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ସହ ଏକ ଆଲୋଚନାଚକ୍ର ମଧ୍ୟ କରାଯାଇଛି। ଶକ୍ତିଶ୍ରୀ ସଂଯୋଜିକା ଡ. ପ୍ରତିଚୀ ମହାନ୍ତିଙ୍କ ସଭାପତିତ୍ୱ ଏବଂ ଅଧ୍ୟାପକ ପ୍ରଶାନ୍ତ




ପଣ୍ଡାଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ କଲେଜର ପ୍ରତିଷ୍ଠାତା ସଭାପତି ସୋମନାଥ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ଅଗ୍ନିଶମ ବିଭାଗର ଆରକ୍ଷୀ ଅଧିକାରୀ ପବିତ୍ର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧିକାରୀ ବାଇଧର ବେହେରା, ଅଧ୍ୟାପକ ସୁଜନ ବେହେରା, ପ୍ରସାଦ ନାୟକ, ରବୀନ୍ଦ୍ରନାଥ ଆଚାର୍ଯ୍ୟ, ତନ୍ମୟ କିଶୋର ଦାସ, ଅନୀଲ ସାହୁ, ସୁଦୀପ୍ତ ସ୍ୱାଇଁ, ଅଜୟ ଜେନା, ମହେନ୍ଦ୍ରନାଥ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ସ୍ୱର୍ଣ୍ଣପ୍ରଭା ଜେନା ଧନ୍ୟବାଦ ଦେଇଥିଲେ।

## ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଟାଙ୍ଗୀ, ୮।୫(ସମିସ): ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅନ୍ତର୍ଗତ ଭଟ୍ଟିମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟର ଦୁଇ



ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶ୍ରେଷ୍ଠ ସଫଳତା ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିଥିବା ବାଦଲ ସାହୁ ଓ ରୀତିକା ସାହୁଙ୍କୁ ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ବିଧାୟକ ଶ୍ରୀ ବେହେରା ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ପାଇଁ ସମସ୍ତ ପ୍ରକାର ସହଯୋଗ ଯୋଗାଇଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

ସୂଚନା ଅନୁଯାୟୀ, କୃତୀ ଛାତ୍ର ବାଦଲଙ୍କ ପିତା ଜଗନ୍ନାଥ ସାହୁଙ୍କର କିଛି ବର୍ଷ ପୂର୍ବେ ପରଲୋକ ହୋଇଯାଇଥିବା ବେଳେ ତାଙ୍କ ମାଆ ତୃପ୍ତିମୟୀ ଜଣେ ଗୃହିଣୀ। ସେହିପରି ରୀତିକାଙ୍କ ପିତା ମହେନ୍ଦ୍ର ସାହୁ ଜଣେ କ୍ଷୁଦ୍ର ବ୍ୟବସାୟୀ ଏବଂ ମାଆ ଅମ୍ବିକା ସାହୁ ଜଣେ ଗୃହିଣୀ। ସୀମିତ ସମ୍ବଳ ମଧ୍ୟରେ ଏହି ଦୁଇ ବିଦ୍ୟାର୍ଥୀଙ୍କ ସଫଳତା ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ସାଜିଛି। ଏହି ସମ୍ବର୍ଦ୍ଧନା ସମୟରେ ସ୍ଥାନୀୟ ସରପଞ୍ଚ ତାପସ ସାହୁ, ରବୀନ୍ଦ୍ର ସାହୁଙ୍କ ସମେତ ଛାତ୍ରଛାତ୍ରୀଙ୍କ ପରିବାରବର୍ଗ ଓ ବହୁ ଗ୍ରାମବାସୀ ଉପସ୍ଥିତ ରହି ଉଭୟଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ନିଶ୍ଚିନ୍ତକୋଇଲି, ୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ରାଣୀପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ପ୍ରସନ୍ନ ଦାସଙ୍କ ସଂଯୋଜନା ଓ ଶିଶୁ ମନ୍ଦିର ପରିଚାଳନା କମିଟିର ସଭାପତି ବିଷ୍ଣୁଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ପ୍ରମୋଦ ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଧରଣୀଧର ବେହେରା, ସମ୍ମାନୀତ ଅତିଥି ଭାବେ ସିଆରସିସି



କିଶୋରଚନ୍ଦ୍ର ନାଥ, ରବୀନ୍ଦ୍ରନାରାୟଣ ଷଡଙ୍ଗୀ, ଶିଶୁ ସାହିତ୍ୟିକା ବିଦ୍ୟାଶ୍ରୀ ଚିନ୍ମୟୀପ୍ରଭା କର ଯୋଗ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରଦୀପ୍ତ ନାୟକ ଅତିଥି ପରିଚୟ ଓ ବାର୍ଷିକ ବିବରଣୀ ପାଠ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସହପ୍ରଧାନଆଚାର୍ଯ୍ୟ ସୁରେନ୍ଦ୍ର ମିଶ୍ର, ଆଚାର୍ଯ୍ୟା ପ୍ରଭାସିନୀ ନାୟକ, ମମତା ସାହୁ, ସସ୍ମିତା ମୁଦୁଲି, କନକଲତା ବାରିକ, ମମତା ଦାସ, ଶୁଭଲକ୍ଷ୍ମୀ ଭୂୟାଁ ସହଯୋଗ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ବେହେରା ଧନ୍ୟବାଦ ଦେଇଥିଲେ।

## ଶିକ୍ଷା ବିଭାଗ ସମ୍ମାନ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି, ୮।୫(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ଅସୁରେଶ୍ୱରସ୍ଥିତ ସୁଭଦ୍ରା ମହତାବ ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗର ତୃତୀୟ ବର୍ଷ ଛାତ୍ରଛାତ୍ରୀଙ୍କୁ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁଧୀର କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଲେଜ ଅଧକ୍ଷା ପ୍ରଫେସର ଡ. ସୁପ୍ରଭା ପରିଡ଼ା, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମନମୋହନ ଖଟୁଆ, ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ରଜନୀକାନ୍ତ ପଣ୍ଡା, ରଞ୍ଜନ ସେଠୀ ପ୍ରମୁଖ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିଭାଗୀୟ ଅଧ୍ୟାପିକା ଅନସୂୟା ରାଉତରାୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲା ବେଳେ ବିଭାଗୀୟ ମୁଖ୍ୟ ସୁଧୀର ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ତୃତୀୟ ବର୍ଷର ଛାତ୍ର ତପନ ବାରିକ, ଦୁର୍ଗା ଦାସ, ରୀତୁପର୍ଣ୍ଣା ଲେଙ୍କା, ଦୀପକ ଧଳ, ପଦ୍ମିନୀ ଲେଙ୍କା, ମୋନାଲିସା ଦାସ ଅନୁଭୂତି ଏବଂ ଅଭିଜ୍ଞତା ସମ୍ପର୍କରେ ଆଲୋଚନା କରିଥିଲେ। ବିଭାଗୀୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅଧ୍ୟାପକ ରମାକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ।




## କ୍ଷୀରେଶ୍ୱର ପୀଠରେ ରୁଦ୍ର ମହାଯଜ୍ଞ



ନିଶ୍ଚିନ୍ତକୋଇଲି, ୮।୫(ସମିସ): କେନ୍ଦୁପାଟଣା ପଞ୍ଚାୟତ ନଟରା ଗ୍ରାମର ଆରାଧ୍ୟ ଶ୍ରୀ ଶ୍ରୀ କ୍ଷୀରେଶ୍ୱର ମହାଦେବଙ୍କ ପୀଠସ୍ଥଳରେ ୨୦ତମ ବାର୍ଷିକ ରୁଦ୍ର ମହାଯଜ୍ଞ ଏବଂ ବିଭିନ୍ନ ଆଧାତ୍ମିକ କାର୍ଯ୍ୟକ୍ରମ ଚାରି ଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ଅଙ୍କୁରାରୋପଣ ପରେ ଶତାଧିକ ମହିଳା ଭକ୍ତମାନେ ପବିତ୍ର ଚିତ୍ରୋତ୍ପଳା ନଦୀରୁ ଜଳଉତ୍ତୋଳନ କରି କଳସ ଶୋଭାଯାତ୍ରାରେ ଆସି ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ସୁବେଦୀ ପଣ୍ଡିତମାନଙ୍କ ଦ୍ୱାରା ପ୍ରତ୍ୟହ ପୂଜା କାର୍ଯ୍ୟକ୍ରମ କରାଯାଇଥିଲା। କର୍ତ୍ତା ଭାବେ ସମାଜସେବୀ ରବୀନ୍ଦ୍ରନାଥ ସାହୁ, ତାଙ୍କର ଧର୍ମପତ୍ନୀ କାର୍ଯ୍ୟନିର୍ବାହ କରିଥିଲେ। ପ୍ରତ୍ୟେହ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀ, ବାବା ଶ୍ରୀ ଶ୍ରୀ ଅରକ୍ଷିତ ଓଝା ଓ ନାରାୟଣ ଓଝାଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ କରାଯାଇଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ହଜାର ହଜାର ଭକ୍ତ ପୂର୍ଣ୍ଣାହୁତିରେ ଚରୁଅନ୍ନ ପ୍ରସାଦ ସେବନ କରିଥିଲେ। ରୁଦ୍ର ମହାଯଜ୍ଞ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଏବଂ ନଟରା ଗ୍ରାମବାସୀ ସହଯୋଗ କରିଥିଲେ।

## ସଦର ଥାନା ପକ୍ଷରୁ 'ଯୁବେନ୍ତିକା'




ଫୁଲନଖରା, ୮।୫(ସମିସ): କଟକ ସଦର ଥାନା ପକ୍ଷରୁ ମହିଳା, କିଶୋର ଓ କିଶୋରୀମାନଙ୍କ ନିମନ୍ତେ ଏକ ସଚେତନତା କାର୍ଯ୍ୟକ୍ରମ 'ଯୁବେନ୍ତିକା' ଥାନା ପରିସର ମଧ୍ୟରେ ଆଇଆଇସି ତୁଷାରକାନ୍ତ ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କିଶୋର ଓ କିଶୋରୀମାନଙ୍କ ମାନଙ୍କର ବିଭିନ୍ନ ପ୍ରକାର ସମସ୍ୟା ଯଥା ଯୌନ ଉତ୍ପୀଡନ, ସାଇବର ଉତ୍ପୀଡନ, ସାଇବର ଠକେଇ, ସାଇବର ଅପରାଧିକ ସମସ୍ୟା ଓ ତାହାକୁ କିଭଳି ଦମନ କରିପାରିବା ସେ ବିଷୟରେ ଜୋନ୍-୪ ଏସିପି ଅମିତାଭ ମହାପାତ୍ର ଅତିଥି ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ ଆରକ୍ଷୀ ଅଧିକାରୀ ପୁଷ୍ପାରାଣୀ ନାୟକ ପୁଲିସ୍ ଓ ସର୍ବସାଧାରଣଙ୍କ ମଧ୍ୟରେ ଦୂରତ୍ୱ ନ ରଖି ନିଜ ନିଜର ସମସ୍ୟାକୁ ପୁଲିସ୍‌କୁ ତୁରନ୍ତ ଜଣାଇଲେ ପୁଲିସ୍ ସର୍ବଦା ଓ ସବୁ ସମୟରେ ସହାୟତା ଯୋଗାଇଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏତଦ୍‌ବ୍ୟତୀତ ଶିଶୁ ମାନଙ୍କର ସହାୟତା ପାଇଁ ୧୦୯୮, ଜରୁରୀ ପରିସ୍ଥିତିରେ ପୁଲିସ୍ ସହାୟତା ପାଇଁ ୧୧୨, ସାଇବର ଠକେଇ ସହାୟତା ପାଇଁ ୧୯୩୦କୁ କଲ୍ କରିବା ପାଇଁ ଆଇଆଇସି ପ୍ରକାଶ କରିଥିଲେ। ସଦର ଥାନାର ସମସ୍ତ ଆରକ୍ଷୀ ଅଧିକାରୀ ଓ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ୧୫ ଦିନ ହେଲା ଯୁବକ ନିଖୋଜ

● ପୁଲିସର ନିଷ୍କ୍ରିୟତାକୁ ନେଇ ପରିବାର ଚିନ୍ତାରେ



ଭଦ୍ରେଶ୍ୱର, ୮।୫(ସମିସ): ମାହାଙ୍ଗା ବ୍ଲକ ଉମର ଗ୍ରାମପଞ୍ଚାୟତ ଓସ୍ତପୁର ଗ୍ରାମର ଜଣେ ଯୁବକ ଦୀର୍ଘ ୧୫ ଦିନ ହେବ ରହସ୍ୟଜନକ ଭାବେ ନିଖୋଜ ହୋଇଥିବା ଜଣାପଡ଼ିଛି। ନିଖୋଜ ଯୁବକ ଜଣକ ହେଲେ ବିଷ୍ଣୁଚରଣ ମହାରଣାଙ୍କ ପୁତ୍ର ବିପିନ କୁମାର ମହାରଣା। ଏପର୍ଯ୍ୟନ୍ତ ତାଙ୍କର କୌଣସି ସନ୍ଧାନ ମିଳି ନ ଥିବାରୁ ପରିବାର ବର୍ଗ ନାନା ଆଶଙ୍କାରେ ଭାଙ୍ଗି ପଡ଼ିଛନ୍ତି। ବିପିନ ଗତ ମାସ ୧୫ ତାରିଖ ରାତିରୁ ନିଜ ଘରୁ କୁଆଡ଼େ ଚାଲିଯାଇଛନ୍ତି। ବିପିନଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା ମହାରଣା ଭଦ୍ରେଶ୍ୱର ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିଥିଲେ ହେଁ, ତଦନ୍ତ ପ୍ରକ୍ରିୟା ମନ୍ଥର ଥିବା ଅଭିଯୋଗ ହୋଇଛି। ପୁଲିସ କୌଣସି ଠୋସ୍ ପଦକ୍ଷେପ ନେଉ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଏହି ଘଟଣାର ଗମ୍ଭୀରତାକୁ ଅନୁଭବ କରି ବିପିନଙ୍କୁ ଖୋଜି ବାହାର କରିବା ପାଇଁ ସାଧାରଣରେ ଦୃଢ଼ ଦାବି ହେଉଛି।

## ଉତ୍ସବମୁଖର ନୂଆପାଟଣା: ଆଜିଠୁ ପ୍ରଭୁ ମଦନମୋହନଙ୍କ ପ୍ରସିଦ୍ଧ ଚନ୍ଦନ ଯାତ୍ରା

ତିଗିରିଆ, ୮।୫(ସମିସ)



୧୧ ତାରିଖ ମାଛବିନ୍ଧା ଯାତ୍ରା ସହ ଉଦ୍‌ଯାପନୀ

ତିଗିରିଆ ବ୍ଲକ ନୂଆପାଟଣା ପଞ୍ଚାୟତର ଆରାଧ୍ୟ ପ୍ରଭୁ ଶ୍ରୀ ଶ୍ରୀ ମଦନମୋହନ ଦେବଙ୍କ ବିଶ୍ୱପ୍ରସିଦ୍ଧ ଚନ୍ଦନ ଯାତ୍ରା ଶନିବାର ଠାରୁ ବଡ଼ ଜାକଜମକରେ ଆରମ୍ଭ ହେବାକୁ ଯାଉଛି। ତିନି ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ଆସନ୍ତା ୧୧ ତାରିଖରେ ପାରମ୍ପରିକ 'ମାଛବିନ୍ଧା' ଯାତ୍ରା ସହ ଉଦ୍‌ଯାପିତ ହେବ। ଏଥିପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଥିବା ବେଳେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବୈଶାଖ ପୂର୍ଣ୍ଣିମା ପୂର୍ବ ପରମ୍ପରା ଅନୁଯାୟୀ, ପ୍ରଭୁ ମଦନମୋହନ ଦେବ ପ୍ରତ୍ୟହ ବିମାନରେ ବସି ଗ୍ରାମର ବିଭିନ୍ନ ସାହି ପରିକ୍ରମା କରିବା ପରେ ପ୍ରସିଦ୍ଧ ଚନ୍ଦନ ପୋଖରୀକୁ ଚାପ ଖେଳିବା ପାଇଁ ବିଜେ କରିବେ। ପ୍ରଥମ ଦିବସରେ 'ସାନ ଯାତ୍ରା' ଅନୁଷ୍ଠିତ ହେବ। ସନ୍ଧ୍ୟାରେ ପ୍ରଭୁ ହାତୀ ଉପରେ ବସି ଶୋଭାଯାତ୍ରାରେ ବାହାରିବେ। ଏହି ସମୟରେ ପଞ୍ଚାୟତର ୨୨ଟି ସାହିର କମିଟି ପକ୍ଷରୁ ନିର୍ମିତ କାଠର ଘୋଡ଼ା, ହାତୀ, ସିଂହ ସମେତ ଶତାଧିକ ବହୁରୂପୀ ଏବଂ ଓଡ଼ିଶୀ କୀର୍ତ୍ତନ ଦଳଙ୍କ ଗହଣରେ ଏକ ବିରାଟ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଶନିବାର ପ୍ରଥମ ଦିବସ ବା 'ସାନ ଯାତ୍ରା'। ସନ୍ଧ୍ୟାରେ ଗ୍ରାମ ପରିକ୍ରମା ଓ ଚାପ ଖେଳ ହେବ। ରବିବାର ଦ୍ୱିତୀୟ ଦିବସ ବା 'ବଡ଼ ଯାତ୍ରା'। ଏହି ଦିନ ପ୍ରଭୁ ଦୁଇଥର ଚାପ ଖେଳିବେ। ସୋମବାର ଅନ୍ତିମ ଦିବସ ବା 'ମାଛବିନ୍ଧା ଯାତ୍ରା' ଆୟୋଜିତ ହେବ। ଚାପ ଖେଳ ଶେଷ ହେବା ପରେ ପ୍ରଭୁ ଚନ୍ଦନ ମଣ୍ଡପରେ ଚାଚେରୀ ଭୋଗ ଖାଇ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ଏହି ଯାତ୍ରା ଉପଲକ୍ଷେ ନୂଆପାଟଣାର ୨୨ଟି ସାହି ମଧ୍ୟରୁ ୧୮ ଟି ସାହିରେ ସୁଦୃଶ୍ୟ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇଛି। ରଙ୍ଗୀନ ଆଲୋକମାଳା ଏବଂ ସୁନ୍ଦର ସୁନ୍ଦର ତୋରଣରେ ସାରା ଗ୍ରାମ ଝଲସି ଉଠୁଛି। ଯାତ୍ରା ପରିସରରେ ଶତାଧିକ ଅସ୍ଥାୟୀ ଦୋକାନ ବସିଥିବା ବେଳେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମର ମଧ୍ୟ ଆୟୋଜନ କରାଯାଇଛି। ପ୍ରତିଦିନ ସହସ୍ରାଧିକ ଶ୍ରଦ୍ଧାଳୁ ଏହି ଯାତ୍ରା ଉପଭୋଗ କରିବାକୁ ଏକତ୍ରିତ ହେଉଥିବା ଯୋଗୁଁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି।

## ବିଦ୍ୟାଳୟ କର୍ମଚାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା



କଣ୍ଟାପଡ଼ା, ୮।୫(ସମିସ): କଣ୍ଟାପଡ଼ା ବ୍ଲକ ଗୋବିନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ରଘୁନାଥ ପରିଡ଼ାଙ୍କ ନାହାଳପୁରକୁ ବଦଳି ହୋଇଯାଇଛି। ଏହି ଅବସରରେ ଏକ ଭାବପୂର୍ଣ୍ଣ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷୟିତ୍ରୀ ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ଓ ଶିକ୍ଷୟିତ୍ରୀ ସ୍ମିତାସୁଚଂ ଜିତା ଦାଶ, ନଳିନୀକାନ୍ତ ବେଉରା, ଶାରଳା ଦାସ, ନିଳାଦ୍ରୀ ସାହୁ, ବିଭୂପ୍ରସାଦ ମହାପାତ୍ର, ଜ୍ୟୋତି ଅରୁନ୍ଧତୀ ମଲ୍ଲିକ, ପଦ୍ମା ଦିବ୍ୟାଦର୍ଶିନୀ, ଜ୍ୟୋତିର୍ମୟୀ ରାଉତରାୟ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ବିଜୟ ମଲ୍ଲିକ, କର୍ମଚାରୀବୃନ୍ଦ ଶ୍ରୀ ପରିଡ଼ାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୪.୬୨ ● ପାଉଣ୍ଡ ୧୨୮.୭୬
- ୟୁରୋ ୧୧୧.୨୮ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୩୯,୯୫୦ (ଭୁବନେଶ୍ୱର)
- ରୁପା : ୨,୭୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୭,୩୨୮.୦୦
- ନିଫ୍ଟି ୨୪,୧୭୬.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

## ଜୁନ୍‌ରୁ ଖାଉଟିଙ୍କୁ ଲାଗିବ ବଡ଼ ଝଟ୍‌କା

# ତେଲ, ସାବୁନ୍‌ଠାରୁ ବିସ୍କୁଟ୍; ସବୁ ମହଙ୍ଗା

ନୂଆଦିଲ୍ଲୀ, ୮।୫(ଏଜେନ୍ସି): ମହଙ୍ଗା ହେବ ଖାଉଟି ବଜାର। ଆସନ୍ତା ମାସରୁ ଖାଉଟିଙ୍କୁ ଲାଗିବ ବଡ଼ ଝଟ୍‌କା। ତେଲ,ସାବୁନ୍‌ଠାରୁ ବିସ୍କୁଟ୍ ଯାଏ ସବୁ ଅତ୍ୟାବଶ୍ୟକ ସାମଗ୍ରୀ ହେବ ମହଙ୍ଗା। କାରଣ ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ଉତ୍ପାଦଗୁଡିକର ନୂଆ ମୂଲ୍ୟ ଜାରି କରିବାକୁ ଯାଉଛନ୍ତି। କମ୍ପାନୀଗୁଡିକର କହିବା ହେଉଛି, ମଧ୍ୟପ୍ରାଚ୍ୟରେ ଉତ୍ତେଜନା ବୃଦ୍ଧି ଯୋଗୁଁ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ପାଇଛି। ପ୍ୟାକେଜିଂ ଏବଂ କଞ୍ଚାମାଲ ଖର୍ଚ୍ଚରେ ବୃଦ୍ଧି ଆଳ କରି କମ୍ପାନୀଗୁଡିକ ଏହି ଦର ବୃଦ୍ଧି କରିବାକୁ ଯାଉଛନ୍ତି।

ଦେଶର ଡାବର ବ୍ୟତୀତ, ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ୍) ଏବଂ ନେସ୍‌ଲେ ଭଳି କମ୍ପାନୀଗୁଡ଼ିକ ଏବେ ଉତ୍ପାଦନ ଖର୍ଚ୍ଚ ବୃଦ୍ଧି ଦର୍ଶାଇ ଜୁନ୍‌ରୁ ଏଫ୍‌ଏମ୍‌ସିଜି କମ୍ପାନୀଗୁଡିକ ମୂଲ୍ୟ ବୃଦ୍ଧି କରିବାକୁ ଯାଉଛନ୍ତି। ଏଥିରେ ସାବୁନ୍, ତେଲ ଏବଂ ବିସ୍କୁଟ ଭଳି ନିତ୍ୟ ବ୍ୟବହାର୍ଯ୍ୟ ଖାଟି ସାମଗ୍ରୀଗୁଡିକ ମହଙ୍ଗା ହୋଇପାରେ। ଅପରପକ୍ଷେ ଦୀର୍ଘ ଦିନ ହେବ ଉଚ୍ଚ ମୁଦ୍ରାସ୍ଫୀତି ସହ ଯୁଝୁଥିବା ଖାଉଟିଙ୍କ ମାସିକ ପରିବାର ବଜେଟ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଡାବର ଇଣ୍ଡିଆର ଗ୍ଲୋବାଲ୍ ସିଇଓ ମୋହିତ ମାଲହୋତ୍ରାଙ୍କ ଅନୁଯାୟୀ, କମ୍ପାନୀ ୨୦୨୬-୨୭ ଆର୍ଥିକବର୍ଷରେ ପ୍ରଥମ ତ୍ରୈମାସିକ (ଏପ୍ରିଲ-ଜୁନ୍)ରେ ମୂଲ୍ୟ ବୃଦ୍ଧି କରିପାରେ। ଯଦିଓ ଡାବର ଚଳିତ ତ୍ରୈମାସିକରେ ପ୍ରାୟ ୪% ମୂଲ୍ୟ ବୃଦ୍ଧି କରିଛି। ଏହାବାଦ୍ ପଶ୍ଚିମ ଏସିଆରେ



ବଢୁଥିବା ଅସ୍ଥିରତା କମ୍ପାନୀଗୁଡ଼ିକ ପାଇଁ ଏକ ପ୍ରମୁଖ ଚିନ୍ତାର ବିଷୟ। ଇରାନ ଏବଂ ଆମେରିକା ମଧ୍ୟରେ ସାମ୍ପ୍ରତିକ ଗୁଳି ବିନିମୟ ଶକ୍ତି ଯୋଗାଣ ଏବଂ ଅଶୋଧିତ ତୈଳ ମୂଲ୍ୟ ବିଷୟରେ ଚିନ୍ତା ସୃଷ୍ଟି କରିଛି। ଅଶୋଧିତ ତୈଳ ମୂଲ୍ୟରେ ବୃଦ୍ଧି ସିଧାସଳଖ ଭାବେ ପରିବହନ, ପ୍ୟାକେଜିଂ ଏବଂ ରାସାୟନିକ ପଦାର୍ଥର ଦରକୁ ପ୍ରଭାବିତ କରିବ। ଯଦି ଏହି ଉତ୍ତେଜନା ଜାରି ରହେ, ତେବେ ପେଟ୍ରୋଲ

**ମୂଲ୍ୟ ବଢ଼ାଇବେ ଏଫ୍‌ଏମ୍‌ସିଜି କମ୍ପାନୀ**

**ବଢ଼ିଛି ପ୍ୟାକେଜିଂ ଏବଂ କଞ୍ଚାମାଲ ଖର୍ଚ୍ଚ**

ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ପାଇପାରେ, ଯାହା ଏଫ୍‌ଏମ୍‌ସିଜି କମ୍ପାନୀଗୁଡ଼ିକ ପାଇଁ ଉତ୍ପାଦନ ଏବଂ ମାଲ ପରିବହନ ଖର୍ଚ୍ଚକୁ ଆହୁରି ବୃଦ୍ଧି କରିବ। ଚତୁର୍ଥ ତ୍ରୈମାସିକ ଫଳାଫଳର ଏକ ସକାରାତ୍ମକ ଦିଗ ହେଉଛି ଯେ ଗ୍ରାମାଞ୍ଚଳ ବଜାରରେ ଚାହିଦା ବଢ଼ିବା। ଦୀର୍ଘ ସମୟ ପରେ ଛୋଟ ସହର ଏବଂ ଗ୍ରାମଗୁଡ଼ିକରୁ ବିକ୍ରି ବୃଦ୍ଧି ପାଇଛି। ତଥାପି, ବ୍ୟବହାର ବୃଦ୍ଧି ପାଇବା ଆରମ୍ଭ ହେବା ସହିତ କମ୍ପାନୀଗୁଡ଼ିକ କଞ୍ଚାମାଲ ସଙ୍କଟର ସମ୍ମୁଖୀନ ହୋଇଛନ୍ତି। ଖାଦ୍ୟ ତେଲ, କ୍ଷୀର ଏବଂ ପ୍ୟାକେଜିଂ ସାମଗ୍ରୀର ମୂଲ୍ୟ ପୁଣି ବଢ଼ିବା ଆରମ୍ଭ କରିଛି, ଯାହା କମ୍ପାନୀଗୁଡ଼ିକର ଲାଭ ଉପରେ ଚାପ ପକାଇଛି। ଡାବର, ହିନ୍ଦୁସ୍ତାନ ୟୁନିଲିଭର (ଏଚ୍‌ୟୁଏଲ୍), ନେସ୍‌ଲେ ଇଣ୍ଡିଆ, ମେରିକୋ, ଆଇଟିସି, ବ୍ରିଟାନିଆ ଏବଂ ଗୋଦରେଜ କଞ୍ଜ୍ୟୁମର ପ୍ରଡକ୍ଟସ୍ ଭଳି କମ୍ପାନୀଗୁଡ଼ିକର ମନ୍ତବ୍ୟ ସ୍ପଷ୍ଟ ଭାବରେ ସୂଚାଇ ଦେଉଛି ଯେ ଶିଳ୍ପ କଷ୍ଟକର ସମୟ ପାଇଁ ପ୍ରସ୍ତୁତ ହେଉଛି। ଶିଳ୍ପ ବିଶେଷଜ୍ଞମାନେ କହିଛନ୍ତି ଯେ ଯଦି ମୌସୁମୀ ସ୍ୱାଭାବିକ ରୁହେ ଏବଂ ବିଶ୍ୱ ପରିସ୍ଥିତିରେ ଉନ୍ନତି ନ ଘଟେ ତେବେ ପରିବାରଗୁଡ଼ିକ ମାସିକ ବିଲ୍‌ରେ ଯଥେଷ୍ଟ ବୃଦ୍ଧି ପାଇପାରେ।

ମଧ୍ୟପ୍ରାଚ୍ୟ ସଂଘର୍ଷ ଏବଂ ହରମୁଜ୍ ରୁଟ୍ ବନ୍ଦ ହେବା ପୂର୍ବ ତ୍ରୈମାସିକରେ ଅର୍ଥନୀତି ଉପରେ ସମ୍ପୂର୍ଣ୍ଣ ଭାବରେ ଅନୁଭୂତ ହୋଇ ନ ଥିଲା। ତଥାପି, ଏହାର ପ୍ରଭାବ ଏବେ ଯୋଗାଣ ଶୃଙ୍ଖଳା ଉପରେ ପଡ଼ିଛି। ମାଲ ପରିବହନ ମହଙ୍ଗା ହୋଇଯାଇଛି। ଏହା ଏଫ୍‌ଏମସିଜି କ୍ଷେତ୍ର ପାଇଁ ଏକ ଦ୍ୱିଗୁଣିତ ଆଘାତ ପରି। ଗୋଟିଏ ପଟେ ଚାହିଦା ବୃଦ୍ଧି ପାଉଛି, ଅନ୍ୟପଟେ ଖାଉଟି ଖର୍ଚ୍ଚ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛନ୍ତି।

# ସିଲିଣ୍ଡର ଡେଲିଭରୀରେ ହଟିବ ଓଟିପି ସିଷ୍ଟମ

ନାଗପୁର,୮।୫(ଏଜେନ୍ସି): ଇରାନ-ଇସ୍ରାଏଲ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏଲ୍‌ପିଜି ସମେତ ଅଶୋଧିତ ତେଲ ଏବଂ ପ୍ରାକୃତିକ ଗ୍ୟାସ ସାରା ବିଶ୍ୱରେ ଦୁର୍ଲଭ ହୋଇପଡ଼ିଛି। ଏହି ସମୟରେ ଭାରତରେ ସରକାରୀ ତେଲ କମ୍ପାନୀଗୁଡ଼ିକ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡର ବିତରଣରେ ଡିଜିଟାଲ୍ ପ୍ରମାଣୀକରଣ ବ୍ୟବସ୍ଥା ବା ଓଟିପି କାର୍ଯ୍ୟକାରୀ କରିଛନ୍ତି। ଏହା ଅନେକ ଏଲପିଜି ଗ୍ରାହକଙ୍କ ପାଇଁ ବିଶେଷକରି ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ବମ୍ବେ ହାଇକୋର୍ଟ ଏବେ ଏହି ନିୟମର ପୁନଃବିଚାର ପାଇଁ କହିଛନ୍ତି।

ଗୁରୁବାର ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ସରକାରୀ କ୍ଷେତ୍ରର ତୈଳ କମ୍ପାନୀଗୁଡ଼ିକୁ ଏହି ନିର୍ଦ୍ଦେଶ ଜାରି କରିଛନ୍ତି। ହାଇକୋର୍ଟ ସେମାନଙ୍କୁ ଅଫ୍‌ଲାଇନ୍ ଏଲ୍‌ପିଜି ସିଲିଣ୍ଡର ବୁକିଂ ଏବଂ ବିତରଣ ବ୍ୟବସ୍ଥା ଜାରି ରଖିବା ନେଇ ବିଚାର କରିବାକୁ କହିଛନ୍ତି। କୋର୍ଟ କହିଛନ୍ତି ଯେ ଯଦି ସେମାନେ ଚାହାଁନ୍ତି, ତେବେ ସେମାନେ ଡିଜିଟାଲ୍ ପ୍ରମାଣୀକରଣ ବା ଓଟିପି ବ୍ୟବସ୍ଥା ଜାରି ରଖିପାରିବେ, କିନ୍ତୁ କିଛି ଲୋକଙ୍କୁ ଏଥିରୁ ମୁକ୍ତ କରାଯିବା ଉଚିତ। ଭାରତୀୟ ଏଲପିଜି ବିତରକ ସଂଘର ସଭାପତି ଜୟପ୍ରକାଶ ତିୱାରୀ, ବମ୍ବେ ହାଇକୋର୍ଟର ନାଗପୁର ଖଣ୍ଡପୀଠଙ୍କ ନିକଟରେ




**ବମ୍ବେ ହାଇକୋର୍ଟଙ୍କ ରାୟ**

ଏହି ପ୍ରସଙ୍ଗରେ ଏକ ଆବେଦନ ଦାଖଲ କରିଛନ୍ତି। ଆବେଦନରେ କୁହାଯାଇଛି ଯେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଦ୍ୱାରା ଏଲ୍‌ପିଜି ସିଲିଣ୍ଡର ବିତରଣ ପାଇଁ ଲାଗୁ କରାଯାଇଥିବା ବାଧ୍ୟତାମୂଳକ ଓଟିପି ଯାଞ୍ଚ ବ୍ୟବସ୍ଥା ଗୁରୁତର ସମସ୍ୟା ସୃଷ୍ଟି କରୁଛି। ସଂଘ ଦର୍ଶାଇଛି ଯେ ଗ୍ରାମାଞ୍ଚଳ ଏବଂ ଦୁର୍ଗମ ଅଞ୍ଚଳରେ ସଂଯୋଗ ମଧ୍ୟ ଏକ ସମସ୍ୟା। ସେ ଏହା ମଧ୍ୟ କହିଛନ୍ତି ଯେ ନେଟୱାର୍କ ବିଫଳତା, ଯାନ୍ତ୍ରିକ ତ୍ରୁଟି ଏବଂ ୱେବସାଇଟ୍ ବିଭ୍ରାଟ ପ୍ରାୟତଃ ଗ୍ରାହକମାନଙ୍କୁ ପ୍ରମାଣୀକରଣ କୋଡ୍ ପାଇବାରୁ ବାଧା ଦିଏ, ଯାହା ଫଳରେ ସିଲିଣ୍ଡର ବିତରଣରେ ବିଳମ୍ବ କିମ୍ବା ବାଧା ସୃଷ୍ଟି ହୁଏ। ତେଣୁ, ଘରୋଇ ଏଲ୍‌ପିଜି ସିଲିଣ୍ଡର ବିତରଣ ପାଇଁ ବିତରଣ ପ୍ରମାଣୀକରଣ କୋଡ୍ (ଡିଏସି) ବ୍ୟବସ୍ଥାର ଏକ ବିକଳ୍ପ ଅନୁସନ୍ଧାନ କରାଯିବା ଉଚିତ।

ବିଚାରପତି ଅନିଲ କିଲୋର ଏବଂ ବିଚାରପତି ରାଜ ୱାକୋଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ଆବେଦନର ଶୁଣାଣି କରି କମ୍ପାନୀଗୁଡ଼ିକୁ ତିନି ସପ୍ତାହ ମଧ୍ୟରେ ସଂଘର ଆପେଦନ ଉପରେ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶୁଣାଣି ସମୟରେ ଆଇନଜୀବୀ ଶ୍ୟାମ ଅହିରକର ଯୁକ୍ତି ଦର୍ଶାଇଥିଲେ ଯେ ତୈଳ କମ୍ପାନୀଗୁଡ଼ିକ ପ୍ରଥମେ ୫୦% ବିତରଣ ପାଇଁ ଡିଏସି ପ୍ରମାଣୀକରଣ କାର୍ଯ୍ୟକାରୀ କରିଥିଲେ। ଏହାକୁ ପରେ ୯୫%କୁ ବୃଦ୍ଧି କରାଯାଇଥିଲା। ପରବର୍ତ୍ତୀ ସମୟରେ ଏପ୍ରିଲ ୪ରେ ହ୍ୱାଟସଆପ୍ ମାଧ୍ୟମରେ ଏକ ବାର୍ତ୍ତା ପ୍ରସାରିତ ହୋଇଥିଲା, ଯେଉଁଥିରେ ୧୦୦% ଏଲ୍‌ପିଜି ବିତରଣ ପାଇଁ ଡିଏସିକୁ ବାଧ୍ୟତାମୂଳକ କରାଯାଇଥିଲା। ଏଥିରେ ଏହା ମଧ୍ୟ ଚେତାବନୀ ଥିଲା ଯେ ଯଦି ପ୍ରମାଣୀକରଣ ବିନା ସିଲିଣ୍ଡର ଡେଲିଭରୀ କରାଯାଏ, ତେବେ ବିତରକମାନେ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବେ।

## ବଦଳିବ ରେଳବାଇର ୪୦ ବର୍ଷ ପୁରୁଣା ପାସେଞ୍ଜର ରିଜର୍ଭେସନ୍ ସିଷ୍ଟମ୍

# ବୁକିଂବେଳେ ଜଣାପଡିବ ଟିକଟ କନ୍‌ଫର୍ମେସନ୍

ନୂଆଦିଲ୍ଲୀ,୮।୫(ଏଜେନ୍ସି): ଖୁବ୍ ଶୀଘ୍ର ବଦଳିବାକୁ ଯାଉଛି ଭାରତୀୟ ରେଳବାଇର ଟିକଟ ବୁକିଂ ବ୍ୟବସ୍ଥା। ଏହି ଅନୁଯାୟୀ, ରେଳବାଇ ଏହାର ୪୦ ବର୍ଷ ପୁରୁଣା ପାସେଞ୍ଜର ରିଜର୍ଭେସନ୍ ସିଷ୍ଟମ୍ ବା ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା (ପିଆର୍‌ଏସ୍)ରେ ବଡ଼ ପରିବର୍ତ୍ତନ କରାଯିବ।ଏହାଫଳରେ ଟିକଟ ବୁକିଂବେଳେ ହିଁ ଯାତ୍ରୀ ସୁନିଶ୍ଚିତ ହେବେ ଯେ, ତାଙ୍କର ଟିକଟ କନ୍‌ଫର୍ମ କିମ୍ବା ନୁହେଁ। ଏହି ନୂତନ ବ୍ୟବସ୍ଥା ଏଆଇ ପ୍ରଯୁକ୍ତିବିଦ୍ୟାରେ ସଜ୍ଜିତ ହେବ, ଯାହା ଟିକଟ ବୁକିଂକୁ ପୂର୍ବ ଅପେକ୍ଷା ଅଧିକ ଦ୍ରୁତ ଏବଂ ସହଜ କରିବ।

ନୂତନ ସିଷ୍ଟମରେ ଏଆଇ ଟିକେଟ୍ ନିଶ୍ଚିତ ହେବ କି ନାହିଁ ତାହା ଭବିଷ୍ୟବାଣୀ କରିବ। ଏକ ଏଆଇ-ଆଧାରିତ ପୂର୍ବାନୁମାନ ବୈଶିଷ୍ଟ୍ୟ ଯୋଡାଯାଇଛି। ଏହି ବୈଶିଷ୍ଟ୍ୟ ୱେଟିଂ ଲିଷ୍ଟରେ ଥିବା ଟିକଟ୍ ନିଶ୍ଚିତ ହେବାର ସମ୍ଭାବନା ନେଇ ଭବିଷ୍ୟବାଣୀ କରିବ। ରେଳବାଇ ଅନୁଯାୟୀ, ଏହାର ସଠିକତା ୯୪ ପ୍ରତିଶତ ପର୍ଯ୍ୟନ୍ତ ରହିବ। ଗୁରୁବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳ ଭବନଠାରେ ଅନୁଷ୍ଠିତ ନୂତନ ଏବଂ ଉନ୍ନତ ସଂରକ୍ଷଣ ବ୍ୟବସ୍ଥାରେ ପରିବର୍ତ୍ତନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସେ




**ବ୍ୟବହାର ହେବ ଏଆଇ ଟେକ୍ନୋଲୋଜି**

ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ୪୦ ବର୍ଷ ପୁରୁଣା ବ୍ୟବସ୍ଥାରୁ ନୂତନ ବ୍ୟବସ୍ଥାକୁ ପରିବର୍ତ୍ତନ ସମୟରେ ଯାତ୍ରୀମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି। ୧୯୮୬ରେ ପ୍ରଥମେ ପ୍ରଚଳିତ ହୋଇଥିବା ସଂରକ୍ଷଣ ବ୍ୟବସ୍ଥାକୁ ଉନ୍ନତ ପ୍ରଯୁକ୍ତିବିଦ୍ୟା ଏବଂ ବର୍ଦ୍ଧିତ କ୍ଷମତା ବ୍ୟବହାର କରି ସମ୍ପୂର୍ଣ୍ଣ ଅପଗ୍ରେଡ୍ କରାଯାଇଛି। ମନ୍ତ୍ରଣାଳୟ କହିଛି ଯେ ଭାରତୀୟ ରେଳବାଇ ୨୦୦୨ରେ ଇଣ୍ଟରନେଟ୍-ଆଧାରିତ ଟିକଟ ବୁକିଂ ବ୍ୟବସ୍ଥା ଆରମ୍ଭ କରିଥିଲା। ବର୍ତ୍ତମାନ ଦେଶର ମୋଟ ଟିକଟ ବୁକିଂର ପ୍ରାୟ ୮୮% ଅନଲାଇନ୍ ଜରିଆରେ ହେଉଛି। ଗତ ବର୍ଷ ଜୁଲାଇରେ ଆରମ୍ଭ ହୋଇଥିବା ରେଲ୍‌ୱାନ୍ ମୋବାଇଲ୍ ଆପ୍ଲିକେସନ୍ ଗୋଟିଏ ବର୍ଷ ମଧ୍ୟରେ ୩୫ ନିୟୁତ ଡାଉନଲୋଡ୍ ଅତିକ୍ରମ କରିଛି। ଏହି ଆପ୍ ଲୋକପ୍ରିୟ ହେବାର ଏକ ପ୍ରମୁଖ କାରଣ ହେଉଛି, ଏହା ସାଧାରଣ ଲୋକଙ୍କୁ କେବଳ ସମସ୍ତ ରେଳ ସମ୍ପର୍କିତ ସୂଚନା ପ୍ରଦାନ କରେ ନାହିଁ ବରଂ ଟିକେଟିଂ ଏବଂ ଅନ୍ୟାନ୍ୟ ସେବା ସମ୍ବନ୍ଧୀୟ ଅଭିଯୋଗଗୁଡ଼ିକର ସମାଧାନ ମଧ୍ୟ କରେ। ମନ୍ତ୍ରଣାଳୟ ଆହୁରି କହିଛି ଯେ ଏହି ଆପ୍‌ରେ ଏବେ ଏକ ଏଆଇ-ଆଧାରିତ ୱେଟିଂ ଲିଷ୍ଟର ରେଲ୍ ୱାନ୍ ଆପ୍ ସଂରକ୍ଷିତ, ଅଣସଂରକ୍ଷିତ ଏବଂ ପ୍ଲାଟଫର୍ମ ଟିକଟର ବୁକିଂ, ବାତିଲକରଣ ଏବଂ ଅର୍ଥ ଫେରସ୍ତ ପ୍ରଦାନ କରେ। ଏହାସହିତ, ଏହା ଲାଇଭ୍ ଟ୍ରେନ୍ ସ୍ଥିତି, କୋଚ୍ ସ୍ଥିତି, ପ୍ଲାଟଫର୍ମ ସୂଚନା, ରେଳ ସହାୟତା ମାଧ୍ୟମରେ ଯାତ୍ରୀ ସହାୟତା ଏବଂ ଖାଦ୍ୟ ଅର୍ଡର ଭଳି ସୁବିଧା ମଧ୍ୟ ପ୍ରଦାନ କରେ। ରେଳ ମନ୍ତ୍ରଣାଳୟ ଅନୁଯାୟୀ, ପ୍ରତିଦିନ ଆପ୍ ମାଧ୍ୟମରେ ପ୍ରାୟ ୯.୨୯ ଲକ୍ଷ ଟିକଟ ବୁକ୍ କରାଯାଏ, ଯେଉଁଥିରେ ୭.୨ ଲକ୍ଷ ଅଣସଂରକ୍ଷିତ ଟିକଟ ଏବଂ ୨.୦୯ ଲକ୍ଷ ସଂରକ୍ଷିତ ଟିକଟ ଅନ୍ତର୍ଭୁକ୍ତ।

# କାନାଡ଼ା ହାଇକମିସନରଙ୍କ ନାଲ୍‌କୋ ମୁଖ୍ୟାଳୟ ପରିଦର୍ଶନ

ଭୁବନେଶ୍ୱର, ୮ ।୫(ସମିସ): ଭାରତରେ ଅବସ୍ଥାପିତ କାନାଡ଼ାର ହାଇକମିଶନର ମହାମହିମ କ୍ରିଷ୍ଟୋଫର କୁଟରଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆଜି ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲକୋ)ର କର୍ପୋରେଟ୍ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ଶ୍ରୀ କୁଟର ନାଲକୋ ସିଏମଡି ବ୍ରିଜେନ୍ଦ୍ର ପ୍ରତାପ ସିଂହଙ୍କ ସମେତ ଡକ୍ଟର ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ଅନିଲ କୁମାର ସିଂହ ନିର୍ଦ୍ଦେଶକ (ବାଣିଜ୍ୟିକ) ଏବଂ ପ୍ରଣବଜ୍ୟୋତି ନାଥ, ଭା.ପ୍ର.ସେ, ସିଭିଓଙ୍କ ସମେତ କମ୍ପାନୀର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏଥିରେ କ୍ରିଟିକାଲ ମିନେରାଲ, ସ୍ଥାୟୀ ସମ୍ବଳ ବିକାଶ ଏବଂ ଭବିଷ୍ୟତର ସମ୍ପ୍ରସାରଣ ଯୋଜନା କ୍ଷେତ୍ରରେ ରଣନୈତିକ ସହଯୋଗ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଖଣି ଏବଂ ଧାତୁ କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବା ନିମନ୍ତେ ମତ ଉପସ୍ଥାପନ କରିଥିଲେ ଏବଂ କାନାଡା-ଭାରତ ଅର୍ଥନୈତିକ ଏବଂ ଶିଳ୍ପ ସମ୍ପର୍କକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଦୀର୍ଘକାଳୀନ ସମ୍ପର୍କ



ପାଇଁ ସମ୍ଭାବ୍ୟ ମାର୍ଗ ସମ୍ବନ୍ଧରେ ଆଲୋଚନା କରିଥିଲେ। ଶ୍ରୀ କୁଟରଙ୍କ ସହିତ ତାଙ୍କ ଧର୍ମପତ୍ନୀ କରେନ ଜୋଆନ ବ୍ଲୁମେନ୍ସଟେନ ମଧ୍ୟ ଉପସ୍ଥିତ ଥିଲେ। ପ୍ରତିନିଧି ମଣ୍ଡଳର ଅନ୍ୟ ସଦସ୍ୟମାନଙ୍କ ମଧ୍ୟରେ କାନାଡା ହାଇ କମିଶନ କାର୍ଯ୍ୟାଳୟର ଅର୍ଜୁନ କୁମାର ଦତ୍ତ, ବାଣିଜ୍ୟ କମିଶନର ଏବଂ ରୋହିତ ଶୁକ୍ଲା, ରାଜନୈତିକ-ଅର୍ଥନୈତିକ ଏବଂ ଲୋକ ବ୍ୟାପାର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

# ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ରେ ବ୍ରାଇଡାଲ୍ ଶୋ' କ୍ୟାମ୍ପେନ୍

ଭୁବନେଶ୍ୱର,୮।୫(ସମିସ): ଅଳଙ୍କାର ବ୍ରାଣ୍ଡ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହାର ସହିଦ ନଗର ସ୍ଥିତ ଶୋ' ରୁମ୍‌ରେ ବ୍ରାଇଡାଲ୍ ଶୋ କ୍ୟାମ୍ପେନ୍ ଆରମ୍ଭ କରିଛି। ଏହି ଅଭିଯାନ ଚଳିତ ମାସ ୭ ରୁ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାର ପ୍ରମୁଖ ବ୍ରାଇଡାଲ୍ ଅଳଙ୍କାର ଅଭିଯାନର ଏକ ଅଂଶ ଭାବରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍ ଏହି ବର୍ଷ ସୁନା, ହୀରା, ପୋଲକି, ମୂଲ୍ୟବାନ ମଣିପଥର ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ସ୍ୱତନ୍ତ୍ର ବ୍ରାଇଡାଲ୍ ଅଳଙ୍କାର କଲେକ୍ସନ୍ ବଜାରକୁ ଛାଡିଛି। ହି ଶୋ' ଓଡ଼ିଶୀ ନୃତ୍ୟଶିଳ୍ପୀ ଏବଂ ଓଡ଼ିଆ ଅଭିନେତ୍ରୀ ସୋମା ହୋତା ଏବଂ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସ୍‌ର ଅନ୍ୟାନ୍ୟ ପରିଚାଳନା କର୍ମଚାରୀଙ୍କ ଉପସ୍ଥିତିରେ ଆରମ୍ଭ କରାଯାଇଛି। ଏହି ବ୍ରାଇଡାଲ୍ ଶୋ' ଗ୍ରାହକମାନଙ୍କୁ ଅଳଙ୍କାରରେ ନିବେଶ କରିବାର ଏକ ଅସାଧାରଣ ସୁଯୋଗ ପ୍ରଦାନ କରେ ଯାହା କାରୁଶିଳ୍ପ ଏବଂ ମୂଲ୍ୟକୁ ମିଶ୍ରଣ କରେ। ଏହା ସହିତ, ମାଲାବାର ଗୋଲ୍ଡ




ଆଣ୍ଡ ଡାଇମଣ୍ଡସ୍ ଏକ ଆଡଭାନ୍ସ ବୁକିଂ ସୁବିଧା ପ୍ରଦାନ କରୁଛି, ଯାହା ଅଧୀନରେ ଗ୍ରାହକମାନେ ସର୍ବନିମ୍ନ ୧୦% ଆଡଭାନ୍ସ ଦେଇ ଅଳଙ୍କାର ବୁକ୍ କରିପାରିବେ ଏବଂ ବୁକିଂ କରାଯାଇଥିବା ମୂଲ୍ୟ କିମ୍ବା ପ୍ରଚଳିତ ମୂଲ୍ୟ ଯାହା କମ୍ ଥାଏ ସେଥିରେ ଅଳଙ୍କାର ପାଇପାରିବେ।

## ଇଣ୍ଡସ୍‌ଇଣ୍ଡ ଜେନେରାଲ ଇନସ୍ୟୁରାନ୍ସ ପକ୍ଷରୁ 'ଆପଣଙ୍କ ମାତୃତ୍ୱ ଯାତ୍ରାରେ +୧' ଅଭିଯାନ

ଭୁବନେଶ୍ୱର,୮।୫(ସମିସ): ଇଣ୍ଡସଇଣ୍ଡ ଜେନେରାଲ ଇନସ୍ୟୁରାନ୍ସ କମ୍ପାନି ଲିମିଟେଡ ପକ୍ଷରୁ ମାତୃତ୍ୱ ଦିବସ ଉପଲକ୍ଷେ 'ଆପଣଙ୍କ ମାତୃତ୍ୱ ଯାତ୍ରାରେ +୧' ଅଭିଯାନର ଶୁଭାରମ୍ଭ କରାଯାଇଛି। ସନ୍ତାନ ଜନ୍ମ ହେବା ପରଠାରୁ ନୁହେଁ, ବରଂ ଯେତେବେଳେ ଜଣେ ମହିଳା ମା ହେବାକୁ ଚାହାଁନ୍ତି ସେହିଦିନଠାରୁ ମାତୃତ୍ୱ ଯାତ୍ରା ଆରମ୍ଭ ହେଉଥିବାର ଶକ୍ତିଶାଳୀ ବାର୍ତ୍ତା ଏଥିରେ ପ୍ରଦାନ କରାଯାଇଛି। ଆଧୁନିକ ପରିବାରରେ ପ୍ରଜନନ ଯାତ୍ରା ଏକ ଅବିଚ୍ଛେଦ୍ୟ ଅଙ୍ଗରେ

IndusInd GENERAL INSURANCE
FORMERLY RELIANCE GENERAL INSURANCE

ପରିଣତ ହୋଇଥିବା ବେଳେ ଏହି ଅଭିଯାନ ଗର୍ଭଧାରଣ ପୂର୍ବର ଆବେଗିକ, ମାନସିକ ଓ ଶାରିରୀକ ବାସ୍ତବତାର ସମ୍ବେଦନଶୀଳତା ଉପରେ ଆଲୋକପାତ କରୁଛି। ଇଣ୍ଡସ୍‌ଲାଣ୍ଡ ଜେନେରାଲ ଇନସ୍ୟୁରାନ୍ସ ମାତୃତ୍ୱକୁ ନେଇ ରହିଥିବା ସାଂସ୍କୃତିକ ଧାରଣା ବଦଳାଇବାକୁ ଚାହୁଁଛି ଏବଂ ଜୀବନ ଯାତ୍ରାର ପ୍ରତିଟି ସ୍ତରରେ ଏକ ସହଯୋଗୀ ଭାବେ ନିଜକୁ ଉପସ୍ଥାପନ କରିବାକୁ ଚାହୁଁଛି। ଏହି ଅଭିଯାନର ମୂଳରେ ରହିଛି ଏକ ସୁନ୍ଦର ଭାବେ ପ୍ରସ୍ତୁତ କରାଯାଇଥିବା ସିନେମା ଯାହାକୁ ଏକ ଫର୍ଟିଲିଟି କ୍ଲିନିକରେ ପ୍ରସ୍ତୁତ କରାଯାଇଛି। ଜଣେ ମହିଳାଙ୍କୁ ସେଥିରେ ଅନ୍ୟ ମହିଳାମାନଙ୍କ ମାତୃତ୍ୱ ଯାତ୍ରା ଦେଖୁଥିବା ଦେଖିବାକୁ ମିଳିବ। ଏହି ସିନେମାରେ ଅଧିକ ସଂଳାପ ବ୍ୟବହାର ନ କରି ଆଶା, ଧୈର୍ଯ୍ୟ ଓ ସ୍ଥାୟିତ୍ୱର ଜଟିଳ ଆବେଗକୁ ଉପସ୍ଥାପନ କରାଯାଇଛି।

# ରାୟଗଡ଼ା ଏବଂ କଳାହାଣ୍ଡିରେ ଏକାଲ ବିଦ୍ୟାଳୟକୁ ବେଦାନ୍ତର ସମର୍ଥନ

ଭୁବନେଶ୍ୱର,୮।୫(ସମିସ): ରାୟଗଡା ଏବଂ କଳାହାଣ୍ଡି ଭଳି ଜିଲ୍ଲାରେ, ଶିକ୍ଷାର ପ୍ରାରମ୍ଭିକ ବର୍ଷଗୁଡ଼ିକରେ ଏହି ପାର୍ଥକ୍ୟ ବିଶେଷ ଭାବରେ ସ୍ପଷ୍ଟ। ଅନେକ ଆଦିବାସୀ ପିଲାଙ୍କ ପାଇଁ, ଆନୁଷ୍ଠାନିକ ଶିକ୍ଷା ପ୍ରାୟତଃ ସେମାନଙ୍କ ପାଇଁ ଅପରିଚିତ ଭାଷାରେ ଆରମ୍ଭ ହୁଏ, ଏପରି ଏକ ବ୍ୟବସ୍ଥା ମଧ୍ୟରେ ଯାହା ସେମାନଙ୍କର ଜୀବନ୍ତ ବାସ୍ତବତାକୁ ପ୍ରତିଫଳିତ କରେ ନାହିଁ। ଏହି ଆବଶ୍ୟକତାକୁ ଚିହ୍ନି, ଏକଲ ବିଦ୍ୟାଳୟଗୁଡ଼ିକ ଏକ ବିକେନ୍ଦ୍ରୀକୃତ, ସମ୍ପ୍ରଦାୟ-ଆଧାରିତ ମଡେଲ ଗ୍ରହଣ କରିଛନ୍ତି, ଶିକ୍ଷାକୁ ଗ୍ରାମଗୁଡ଼ିକରେ ଆଣି ସ୍ଥାନୀୟ ଉପଭାଷାରେ ପ୍ରଦାନ କରିଛନ୍ତି। ବେଦାନ୍ତ ଆଲୁମିନିୟମ ଏହି ଅଞ୍ଚଳରେ ଏହି ଅନନ୍ୟ ମଡେଲର ପ୍ରସାରଣକୁ ବ୍ୟାପକ ଭାବରେ ସମର୍ଥନ କରିଆସୁଛି, ଯାହା କଳାହାଣ୍ଡି ଏବଂ ରାୟଗଡ଼ାରେ ପ୍ରାୟ ୪୦୦ଟି ଏପରି ସ୍କୁଲ କମ୍ପାନୀ ଦ୍ୱାରା ସମର୍ଥିତ ପ୍ରକଳ୍ପର ରୂପାନ୍ତରାତ୍ମକ



ପ୍ରଭାବକୁ ଶ୍ରେଣୀଗୃହ ବାହାରେ ଏବଂ ସମ୍ପ୍ରଦାୟରେ ପହଞ୍ଚାଇଥାଏ। ପ୍ରତ୍ୟେକ ଏକଲ ବିଦ୍ୟାଳୟ ଯଥାସମ୍ଭବ ପ୍ରବେଶ ପ୍ରତିବନ୍ଧକଗୁଡ଼ିକୁ ଦୂର କରିବା ପାଇଁ ଡିଜାଇନ୍ କରାଯାଇଛି, ଯାହା ୬-୧୦ବର୍ଷ ବୟସର ପିଲାମାନଙ୍କୁ ମୌଳିକ ଶିକ୍ଷା ସୁଯୋଗ ପାଇବା ନିଶ୍ଚିତ କରିବାରେ ସାହାଯ୍ୟ କରିଥାଏ। ଶ୍ରେଣୀଗୁଡ଼ିକ ଗ୍ରାମମଧ୍ୟରେ ପ୍ରାୟତଃ ଖୋଲା କିମ୍ବା ଅଂଶୀଦାର ସ୍ଥାନରେ ଅନୁଷ୍ଠିତ ହୁଏ, ଜଣେ ଶିକ୍ଷକ/ଆଚାର୍ଯ୍ୟଙ୍କ ନେତୃତ୍ୱରେ, ସମାନ କିମ୍ବା ନିକଟବର୍ତ୍ତୀ ସମ୍ପ୍ରଦାୟରୁ ଆକର୍ଷିତ। ଏହା ପରିଚିତତା, ଭାଷା ସମନ୍ୱୟ ଏବଂ ନିରନ୍ତରତା ସୁନିଶ୍ଚିତ କରେ।ଏହା ସହିତ, ପରିମଳ, ସ୍ୱାସ୍ଥ୍ୟ ଏବଂ ପୁଷ୍ଟିସାର କ୍ଷେତ୍ରରେ କମ୍ପାନୀର ଅତିରିକ୍ତ ହସ୍ତକ୍ଷେପ ଏହି ସ୍କୁଲଗୁଡ଼ିକ ଯେଉଁ ଇକୋସିଷ୍ଟମରେ କାର୍ଯ୍ୟ କରେ ତାହାକୁ ଆହୁରି ବୃଦ୍ଧି କରେ।

# ଟିପିସିଓଡିଏଲ୍ ପକ୍ଷରୁ ଜାତୀୟ ଲୋକ ଅଦାଲତ

ଭୁବନେଶ୍ୱର, ୮।୫(ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଅନଧିକୃତ ବିଦ୍ୟୁତ ବ୍ୟବହାର ଏବଂ ବିଦ୍ୟୁତ ଚୋରି ସମ୍ବନ୍ଧୀୟ ମାମଲାଗୁଡ଼ିକର ଶୀଘ୍ର ସମାଧାନ ପାଇଁ ମେ ୯, ୨୦୨୬ରେ ଏହାର କାର୍ଯ୍ୟକ୍ଷେତ୍ର ଅଧୀନରେ ଥିବା

TPCODL
TP CENTRAL ODISHA DISTRIBUTION LIMITED

ବିଭିନ୍ନ ସ୍ଥାନରେ ଦ୍ୱିତୀୟ ଜାତୀୟ ଲୋକ ଅଦାଲତ ଏବଂ ସମାଧାନ ଶିବିର ଆୟୋଜନ କରାଯାଉଛି। ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ (ନାଲସା) ର ମାର୍ଗଦର୍ଶିକା ଅନୁଯାୟୀ ଏହି ପଦକ୍ଷେପ ନିଆଯାଇଛି, ଯାହାର ଉଦ୍ଦେଶ୍ୟ ହେଉଛି ବିଦ୍ୟୁତ ପ୍ରବର୍ତ୍ତନ ସମ୍ବନ୍ଧୀୟ ବେକୟା ମାମଲାଗୁଡ଼ିକର ସମାଧାନ ପାଇଁ ଉପଭୋକ୍ତାମାନଙ୍କୁ ଏକ ସୁଲଭ ଏବଂ ସମୟାନୁବର୍ତ୍ତୀ ପ୍ଲାଟଫର୍ମ ପ୍ରଦାନ କରିବା। ଟିପିସିଓଡିଏଲ୍ ଅଧୀନରେ ଥିବା ସମସ୍ତ ଡିଭିଜନ, ସବ୍-ଡିଭିଜନ ଏବଂ ସେକ୍ସନ ଅଫିସଗୁଡ଼ିକରେ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ। ଉପଭୋକ୍ତାମାନେ ଏହି ଶିବିର ମାଧ୍ୟମରେ ଯୋଗ୍ୟ ମାମଲାଗୁଡ଼ିକର ସମାଧାନ ଏବଂ ବିଦ୍ୟୁତ ସଂଯୋଗର ନିୟମିତକରଣ ପାଇଁ ତୁରନ୍ତ ସହାୟତା ପାଇପାରିବେ। ଯେଉଁ ଉପଭୋକ୍ତାମାନଙ୍କର ବିଦ୍ୟୁତ ପ୍ରବର୍ତ୍ତନ ସମ୍ବନ୍ଧୀୟ ମାମଲା ବାକି ରହିଛି, ସେମାନେ ଭବିଷ୍ୟତର ଆଇନଗତ କିମ୍ବା ଆର୍ଥିକ ଅସୁବିଧାରୁ ବଞ୍ଚିବା ପାଇଁ ଏହି ସୁଯୋଗର ଉପଯୋଗ କରି ଆପୋଷ ବୁଝାମଣା ଜରିଆରେ ବିବାଦର ସମାଧାନ କରିବାକୁ କମ୍ପାନୀ ପକ୍ଷରୁ ଅନୁରୋଧ କରାଯାଇଛି। ସମସ୍ତ ପ୍ରକ୍ରିୟାକୁ ସହଜ କରିବା ପାଇଁ ପ୍ରତ୍ୟେକ ନିର୍ଦ୍ଧାରିତ ସ୍ଥାନରେ ଏନଫୋର୍ସମେଣ୍ଟ ଅଧିକାରୀ, ଆଇନଜୀବୀ ଏବଂ ତାଲିମପ୍ରାପ୍ତ କର୍ମଚାରୀଙ୍କୁ ନିୟୋଜିତ

କରାଯାଇଛି। ଏହି ଟିମ୍ ଉପଭୋକ୍ତାମାନଙ୍କୁ ଆବଶ୍ୟକୀୟ କାଗଜପତ୍ର, ଯୋଗ୍ୟତା ଏବଂ ସମାଧାନ ପ୍ରକ୍ରିୟା ବିଷୟରେ ସହାୟତା ପ୍ରଦାନ କରୁଛନ୍ତି। ଜିଲ୍ଲାସ୍ତରୀୟ ବ୍ୟବସ୍ଥା ଏବଂ ସମାଧାନ ସମ୍ବନ୍ଧୀୟ ସବିଶେଷ ମାର୍ଗଦର୍ଶିକା ସମସ୍ତ ଟିପିସିଓଡିଏଲ୍ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି।

